## ଲାଲକିଲ୍ଲା ପରେଡରେ ଅଂଶଗ୍ରହଣ କରିଥିବା ୨ ଏନ୍‌ସିସି କ୍ୟାଡେଟଙ୍କୁ ସ୍ୱାଗତ



ରାୟଗଡ଼ା,୫।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ୨ ଏନସିସି କ୍ୟାଡେଟ ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ସୋମବାର ରାୟଗଡ଼ା ଫେରିଛନ୍ତି। ଜୁନିୟର ଅଣ୍ଡର ଅଫିସର ଉମ୍ମୁରୁଧର ଶବର ଓ କ୍ୟାଡେଟ ଗୌତମ ୱାଡାକା ରାୟଗଡ଼ାରେ ପହଞ୍ଚିବା ପରେ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର ଭବ୍ୟ ସ୍ୱାଗତ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟଠାରେ ଏକ ସମ୍ବର୍ଦ୍ଧନା ସଭାରେ ଉମ୍ମୁରୁଧର ଓ ଗୌତମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉମ୍ମୁରୁଧର ଓ ଗୌତମ ଦିଲ୍ଲୀରେ ସାଧାରଣତନ୍ତ୍ର ଦିବସରେ ଯୋଗଦେଇଥିବା ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ଉଦୟ ନାଏକ ପରିଚାଳନା କରିଥିଲେ ।

# ନିମ୍ନମାନ ଦର୍ଶାଇ କିଣାଯାଉନି ମାଣ୍ଡିଆ, ଚାଷୀ ନିରାଶ

ରାୟଗଡ଼ା,୫।୨ (ଭାଗ୍ୟଶ୍ରୀ ମିଶ୍ର)

- ପ୍ରହସନ ପାଲଟିଛି ମାଣ୍ଡିଆ ମଣ୍ଡି
- ମଣ୍ଡି ବଦଳରେ ବେପାରୀଙ୍କୁ କରୁଛନ୍ତି ବିକ୍ରି



ରାୟଗଡ଼ା ଉପ ବଜାର ପ୍ରାଙ୍ଗଣ ପଦା ଲେକାପାଇର ମାର୍କେଟ ୟାର୍ଡରେ ଜଣେ ଅଧିକାରୀ ବସିଛନ୍ତି।

ସରକାର ମିଲେଟ ମିଶନ ଯୋଜନାରେ ମାଣ୍ଡିଆ ଚାଷକୁ ଗୁରୁତ୍ୱ ଦେଉଛନ୍ତି। ମାଣ୍ଡିଆ ଚାଷୀ ଯେପରି ଦଲାଲଙ୍କ ଶିକାର ନ ହେବେ ଏବଂ ଅମଳ ମାଣ୍ଡିଆକୁ ସୁବିଧାରେ ବିକ୍ରି କରିବା ପାଇଁ ସରକାର ମାଣ୍ଡିଆ ମଣ୍ଡି ଖୋଲୁଛନ୍ତି। ହେଲେ ରାୟଗଡ଼ା ଜିଲାରେ ଆଦିବାସୀ ଉନ୍ନୟନ ସମବାୟ ନିଗମ (ଟିଡିସିସି) ମାଧ୍ୟମରେ ମଣ୍ଡି ଖୋଲାଯାଇ ସମସ୍ତ ବ୍ଲକରୁ ମାଣ୍ଡିଆ କ୍ରୟ କରାଯିବାର ବ୍ୟବସ୍ଥା କରାଯାଇଥିବାବେଳେ ଏହା ଏକ ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି। ଜିଲାରେ ଜାନୁଆରୀ ୧୮ରୁ ମାଣ୍ଡିଆ ମଣ୍ଡିର ଶୁଭାରମ୍ଭ ହୋଇଥିଲେ ମଧ୍ୟ କୌଣସି ମଣ୍ଡିରେ ଚାଷୀଙ୍କଠାରୁ ମାଣ୍ଡିଆ କିଣାଯାଇ ନ ଥିବା ଅଭିଯୋଗ ହେଉଛି। ଚାଷୀ ନିଜ ଉତ୍ପାଦିତ ମାଣ୍ଡିଆ ନେଇ ମଣ୍ଡିକୁ ଯାଉଥିଲେ ମଧ୍ୟ ଏହା ନିମ୍ନମାନର ଏବଂ ଏଫ୍ଏକ୍ୟୁ ମାନର ମାଣ୍ଡିଆ ହୋଇ ନ ଥିବା ଦର୍ଶାଇ ସେମାନଙ୍କୁ ଫେରାଇ ଦିଆଯାଉଥିବା କୋଲନରା ବ୍ଲକ ଲାକାପାଇ ଗ୍ରାମର ଜଣେ ମାଣ୍ଡିଆ ଚାଷୀ କହିଛନ୍ତି । ଅନ୍ୟପକ୍ଷରେ କେତେକ ଅଞ୍ଚଳରେ ଚାଷୀ ମଣ୍ଡିରେ ନିଜର ଉତ୍ପାଦିତ ମାଣ୍ଡିଆ ବିକ୍ରୟ ବ୍ୟବସ୍ଥା ବିଷୟରେ ଜାଣି ପାରି ନ ଥିବାରୁ ରେଜିଷ୍ଟ୍ରେଶନ କରି ନ ଥିବା କହିଛନ୍ତି। ଚଳିତ ବର୍ଷ ରାୟଗଡ଼ା ଜିଲାରେ ୯୦ ହଜାର କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ବର୍ତ୍ତମାନ ସୁଦ୍ଧା ୨୦, ୭୬୮ ଚାଷୀ ମାଣ୍ଡିଆ ବିକ୍ରି ପାଇଁ ରେଜିଷ୍ଟ୍ରେସନ କରିଥିଲେ ମଧ୍ୟ ମଣ୍ଡିରେ କୌଣସି ଚାଷୀଙ୍କଠାରୁ ମାଣ୍ଡିଆ କିଣାଯାଇ ନ ଥିବା ଜଣାପଡ଼ିଛି। ନିୟନ୍ତ୍ରିତ ବଜାର କମିଟି ଉପ ବଜାର ପ୍ରାଙ୍ଗଣ ପଦା ଲେକାପାଇ ଲ୍ୟାମ୍ପ ଅଧିକାରୀ କହିଛନ୍ତି, ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ ହୋଇଥିଲେ ମଧ୍ୟ ଚାଷୀ ମଣ୍ଡିକୁ ଆସୁନାହାନ୍ତି। ସେପଟେ ମଣ୍ଡିରେ କେବଳ ଏଫ୍ଏକ୍ୟୁ ମାନର ମାଣ୍ଡିଆ କିଣାଯିବ ବୋଲି କୁହାଯାଉଥିବାରୁ ଆମେ ମଣ୍ଡିରେ ମାଣ୍ଡିଆ ବିକ୍ରି ପାଇଁ ନାମ ରେଜିଷ୍ଟ୍ରେଶନ ମଧ୍ୟ କରିନାହୁଁ। ଫଳରେ ବାଧ୍ୟ ହୋଇ ସାହୁକାରଙ୍କୁ ବିକ୍ରି କରିବୁ ବୋଲି କୋଲନରା ବ୍ଲକର ପିପିଲିକାଡ଼ା ଗ୍ରାମର ମାଣ୍ଡିଆ ଚାଷୀ ନରେଶ ଯାକକା କହିଛନ୍ତି । କେତେଜଣ ଚାଷୀ ନିଜର ଉତ୍ପାଦିତ ମାଣ୍ଡିଆକୁ ଜମିରୁ ଆଣି ଘରେ ସାଇତି ରଖିଥିବା ବେଳେ ଅନ୍ୟ କେହି ଦଲାଲଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଥିବା କହିଛନ୍ତି। ମାଣ୍ଡିଆ ମଣ୍ଡିରେ ଅବ୍ୟବସ୍ଥା ସମ୍ପର୍କରେ ଆଦିବାସୀ ଉନ୍ନୟନ ସମବାୟ ନିଗମ ଲି.ର ରାୟଗଡ଼ା ବ୍ରାଞ୍ଚ ମ୍ୟାନେଜର ପ୍ରଭାକର ମଲିକଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଚାଷୀଙ୍କୁ କୁହାଯାଉଛି ସେମାନେ ଏଫ୍ଏକ୍ୟୁ ମାନର ମାଣ୍ଡିଆ ମଣ୍ଡିକୁ ଆଣିବେ। କୃଷି ବିଭାଗକୁ ମଧ୍ୟ ଚାଷୀଙ୍କୁ ସଚେତନତା ପାଇଁ ଦାୟିତ୍ୱ ଦିଆଯାଇଛି । ଟିଡିସିସିର ମ୍ୟାନେଜର ଦାୟିତ୍ୱରେ ଥିବା ଦିଲୀପ ବେହେରା ଫୋନ ଉଠାଇ ନ ଥିବାରୁ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ। ସୂଚନାଥାଉକି, ଜିଲାରେ ଚଳିତ ବର୍ଷ ୮୮୪୭ ହେକ୍ଟର ଚାଷ ଜମିରେ ମାଣ୍ଡି ଚାଷ କରାଯାଇଛି। ଚାଷୀଙ୍କ ଉତ୍ପାଦିତ ମାଣ୍ଡିଆ ବିକ୍ରି ପାଇଁ ସପ୍ତାହର ୩ଦିନ ମଙ୍ଗଳବାର, ଗୁରୁବାର ଏବଂ ଶନିବାର ଚାଷୀଙ୍କଠାରୁ ମଣ୍ଡିରେ ମାଣ୍ଡିଆ କିଣାଯିବାକୁ ନିଷ୍ପତ୍ତି ହୋଇଛି। ରାୟଗଡ଼ା ବ୍ଲକ ପାଇଁ ରାୟଗଡ଼ା ଲ୍ୟାମ୍ପସ, ମୀରାବାଲି, କୁମ୍ଭୀକଟା ପାଇଁ ରାୟଗଡ଼ା ଏମ୍‌ପିସିଏସ୍‌ରେ ମଣ୍ଡି କରାଯାଇଛି। ସେହିପରି କାଶୀପୁର ବ୍ଲକ ପାଇଁ କାଶୀପୁର ଲ୍ୟାମ୍ପସ, ଟିକିରି, ମାଣ୍ଡିବିଶି ମିଲେଟ ଏଫ୍‌ପିସି, କଲ୍ୟାଣସିଂପୁର ବ୍ଲକ ପାଇଁ ଏଫ୍‌ପିସି ଲିମିଟେଡ୍, କୋଲନରା ପାଇଁ ମା' ଗାୟତ୍ରୀ ଏଫ୍‌ପିସିରେ ମଣ୍ଡି ବ୍ୟବସ୍ଥା କରାଯାଇଛି।

# ଜିଲାପାଳଙ୍କ ପ୍ରଥମ ଯୁଗ୍ମ ଅଭିଯୋଗ ଶୁଣାଣି

## ୫୫ ଅଭିଯୋଗ ଶୁଣିଲେ



ଜିଲାପାଳ ମନୋଜ ମହାଜନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ରାୟଗଡ଼ା,୫।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତା ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ ୫୫ଟି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୧୧ଟି ବ୍ୟକ୍ତିଗତ ଏବଂ ୪୪ଟି ସାମୂହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣିବା ପରେ ଜିଲାପାଳ ମହାଜନ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୭ ଜଣଙ୍କୁ ମୋଟ ୪୦ହଜାର ଟଙ୍କା ଏବଂ ଜଣେ ବ୍ୟକ୍ତିଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ଆର୍ଥିକ ସହାୟତ ଯୋଗାଇ ଦେଇଛନ୍ତି ।

ଅଭିଯୋଗ ଶୁଣାଣିରେ ଜିଲାପାଳ ମନୋଜ ମହାଜନ ପ୍ରତ୍ୟେକଙ୍କ ସମସ୍ୟାକୁ ଶୁଣିବା ପରେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ହରିଶା ବି.ସି., ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଦିଲୀପ କୁମାର ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଲାଲମୋହନ ରାଉତରାୟ, ଜିଲା ଶ୍ରମ ଅଧିକାରୀ ଯସ୍ମିନ ସାହୁ, ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରଥମ ମ୍ୟାଚରେ ଟିମ୍ ପିଙ୍କ୍ ବିଜୟୀ

ରାୟଗଡ଼ା,୫।୨(ଆଶିଷ ରଞ୍ଜନ ପଣ୍ଡା)

## ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ରାୟଗଡ଼ା ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ସୋମବାର ଟିମ୍ ପିଙ୍କ ଓ ଟିମ୍ ଗ୍ରୀନ୍ ମଧ୍ୟରେ ମ୍ୟାଚ ହୋଇଥିଲା । ଏଥିରେ ପ୍ରଥମେ ବ୍ୟାଟିଂ କରି ଟିମ ପିଙ୍କ ୪୦ ଓଭର ଖେଳି ୯ ୱିକେଟ ହରାଇ ୨୯୫ ରନ କରିଥିଲେ । ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରି ଟିମ ଗ୍ରୀନ ୨୩.୨ ଓଭରରେ ମାତ୍ର ୧୫୯ ରନ କରି ଅଲଆଉଟ ହୋଇଯାଇଥିଲେ । ଟିମ ପିଙ୍କର ବୋରିଗି ଗୌତମ ୭୫ ବଲରେ ୫୩ ରନ କରିବା ସହ ୨ ଟି ୱିକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଏହି ମ୍ୟାଚରେ ସେଞ୍ଚୁରିଅନ ଫାର୍ମାସି କଲେଜର ଅଧ୍ୟକ୍ଷ ଚନ୍ଦ୍ରଶେଖର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ମ୍ୟାଚରେ କୁନାଲ ବର୍ମା ଓ କେ.ସାଇଚରଣ ଅମ୍ପାୟାର ଏବଂ ସନ୍ତୋଷ କୁମାର ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମ୍ୟାଚକୁ ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସଚିଦାନନ୍ଦ ଖାଡ଼ଙ୍ଗା ଓ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ତ୍ରିପାଠୀ ପରିଚାଳନା କରିଥିଲେ ।



ଦୁଇ ଟିମ୍ କ୍ୟାପଟେନଙ୍କ ମଧ୍ୟରେ ଟସ୍ ପଡୁଛି।

# ସାଧାରଣ ନିର୍ବାଚନ ପୂର୍ବରୁ ଜିଲାପାଳଙ୍କ ପ୍ରସ୍ତୁତି ସମୀକ୍ଷା



ଜିଲାପାଳ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ଗୁଣପୁର, ୫।୨(ପ୍ରଦୀପ କୁମାର ପାଢ଼ୀ)

## ବିଷମକଟକ ନିର୍ବାଚନ କାର୍ଯ୍ୟ ଚଳିତଥର ରାୟଗଡ଼ାରେ ହେବ

ରାୟଗଡା ଜିଲାପାଳ ମନୋଜ ସତ୍ୟୱାନ ମହାଜନ ସୋମବାର ଗୁଣପୁର ଗସ୍ତ କରି ୨୦୨୪ ସାଧାରଣନିର୍ବାଚନର ପୂର୍ବ ପ୍ରସ୍ତୁତି, ଷ୍ଟ୍ରଙ୍ଗରୁମ, ଗାଡି ପାର୍କିଂ ଆଦିର ସମୀକ୍ଷା କରିଥିଲେ। ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଷ୍ଟ୍ରଙ୍ଗରୁମ, ତହସିଲ କାର୍ଯ୍ୟାଳୟ ନିକଟ ପଡ଼ିଆରେ ଗାଡି ପାର୍କିଂ କିପରି ସୁରୁଖୁରରେ ହୋଇପାରିବ ସେ ନେଇ ସମୀକ୍ଷା କରିଥିଲେ । ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଯଥା ପ୍ରିଜାଇଡିଂ ଅଧିକାରୀ, ପୋଲିଂ ଅଧିକାରୀଙ୍କ ଖାଇବା, ରହିବା ଆଦି କିପରି ହୋଇପାରିବ ଓ କିପରି ବୁଥକୁ ଯିବେ ସମସ୍ତ କାର୍ଯ୍ୟ ଆଲୋଚନା କରିଥିଲେ । ଉପ ଜିଲାପାଳ କୀରଣଦୀପ କୌର ସମସ୍ତ ବିଷୟ ଜିଲାପାଳଙ୍କୁ ଅବଗତ କରିଥିଲେ। ପୂର୍ବରୁ ଗୁଣପୁର ଓ ବିଷମ କଟକ ନିର୍ବାଚନମଣ୍ଡଳୀର ସମସ୍ତ କାର୍ଯ୍ୟ ଗୁଣପୁରରେ ହେଉଥିଲା । କିନ୍ତୁ ଚଳିତ ବର୍ଷ କେବଳ ଗୁଣପୁର ନିର୍ବାଚନ ମଣ୍ଡଳୀର କାର୍ଯ୍ୟ ଗୁଣପୁରରେ ହେବ ଏବଂ ବିଷମ କଟକ ନିର୍ବାଚନ ମଣ୍ଡଳୀର କାର୍ଯ୍ୟ ପ୍ରଥମ କରି ରାୟଗଡ଼ଠାରେ ଅନୁଷ୍ଠିତ ହେବ ।

ଜିଲାପାଳ ଗୁଣପୁର ଡିଗ୍ରୀ କଲେଜରେ ଚାଲିଥିବା ୫-ଟି କାର୍ଯ୍ୟ, ଶେଫାଳି ପାହାଡ଼ର ରାସ୍ତା କାର୍ଯ୍ୟ, ପାହାଡ଼ ଉପରେ ହେବାକୁ ଥିବା କଲ୍ୟାଣ ମଣ୍ଡପ, ପରିକ୍ରମା ପ୍ରକଳ୍ପ, ଶୈବ ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆଦି ତଦାରଖ କରିଥିଲେ । ଜିଲାପାଳଙ୍କ ଏହି ଗସ୍ତ ସମୟରେ ଗୁଣପୁର ଉପ ଜିଲାପାଳଙ୍କ ସମେତ ଗୁଣପୁର ଆଇଟିଡିଏର ପ୍ରକଳ୍ପ ପ୍ରଶାସିକା ଶାନ୍ତିପ୍ରଭା ପ୍ରଧାନ, ତହସିଲଦାର ଲୀଳାବତୀ ଆଚାର୍ଯ୍ୟ, ବିଡ଼ିଓ ଶ୍ରଦ୍ଧାଞ୍ଜଳି ପ୍ରଧାନ, ସହକାରୀ ଜିଲାପାଳ ସତ୍ୟଜିତ ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରବିଶଙ୍କର ଶର୍ମା, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁରଜ ନାୟକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଗୁଣପୁର କଲେଜରେ ଅଧ୍ୟକ୍ଷ ଶଶୀ ଭୂଷଣ ମହାନ୍ତି, ପ୍ରାଧ୍ୟାପକ ଡ. ସୂର୍ଯ୍ୟ ନାରାୟଣ ପଣ୍ଡା ଏବଂ ସେଫଳି ପାହାଡ଼ରେ ମନ୍ଦିର କମିଟିର ସଦସ୍ୟ ଅଜିତ ପଣ୍ଡା, ମୁନା ପାଢ଼ୀ, ନୁନୁ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

# ୪ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ଗୁଡାରି,୫।୨ (ପ୍ରମୋଦ କୁମାର ପତି )



ଜବତ ଗଞ୍ଜେଇ, ପିକ୍‌ଅପ୍ ଭ୍ୟାନ ସହ ଗିରିଫ୨ ଅଭିଯୁକ୍ତ।

ଏକ ପିକ୍‌ଅପ୍‌ରେ ଗଞ୍ଜେଇ ଚୋରାଚାଲାଣ ହେଉଥିବାବେଳେ ଗୁଡାରି ଥାନା ଅନ୍ତର୍ଗତ ଗୁମୁଡା ଛକ ନିକଟରେ ପୋଲିସ ସୋମବାର ଭୋର ସମୟରେ ଗାଡି ଅଟକାଇ ୪ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ସହ ଗାଡିକୁ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ସୋରଡ଼ାର ସଞ୍ଜୟ ରଇତ (୨୫) ଏବଂ ଗଜପତି ଜିଲା ପାଲକୁଆ ଗ୍ରାମର ଅଜିତ ରଇତ (୨୨)। ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ କହିବା ଅନୁସାରେ, ଜବତ ଗଞ୍ଜେଇ ଓଜନ କରାଯିବା ପରେ ଏହା ୪୧୭ କିଗ୍ରା ୪୬୦ଗ୍ରାମ ହୋଇଥିବା କହିଛନ୍ତି। ଏ ସମ୍ପର୍କରେ ଗୁଡାରି ଥାନାରେ ୧୭/୨୦୨୪ ମାମଲା ରୁଜୁ ହୋଇଛି। କୌଣସି ସୂତ୍ରରୁ ଖବରପାଇ ନୂତନ ଏସପିଙ୍କ ନିର୍ଦ୍ଦେଶକ୍ରମେ ଗୁମୁଡା ଫାଣ୍ଡି ଅଧିକାରୀ ବସନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ସବ ଇନ୍ସପେକ୍ଟର ସୋମନାଥ ଦଳବେହେରା ଘଟଣାର ତଦନ୍ତକାରି ଅଧିକାରୀ ଭାବେ ନିୟୋଜିତ ଅଛନ୍ତି।

# ଗୁଣପୁରରେ ମିଡିଆ କ୍ଲବ ଗଠିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଖବରଦାତା।

ଗୁଣପୁର, ୫।୨(ପ୍ରଦୀପ କୁମାର ପାଢ଼ୀ )

ଗୁଣପୁରଠାରେ ନୂତନ ଭାବେ ଏକ ମିଡିଆ କ୍ଲବ ଗଠିତ ହୋଇଛି । ଆବାହକ ଜିତେନ୍ଦ୍ର କୁମାର ଶତପଥିଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ସଭାପତି ଭାବେ ଅନୀଲ ସାହୁକାର ମନୋନୀତ ହୋଇଛନ୍ତି। ସେହିପରି ଜଗନ୍ନାଥ ମହାନ୍ତି ସମ୍ପାଦକ, କୃଷ୍ଣଚନ୍ଦ୍ର ରାଜଗୁରୁ ମହାପାତ୍ର କାର୍ଯ୍ୟକାରୀ ସଭାପତି, ବିଭୁ ପ୍ରସାଦ ଶତପଥୀଙ୍କ ସହ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଏହି ପରିପ୍ରେକ୍ଷିରେ ଆଇନଜୀବ ରମେଶ ଲିମା ଙ୍କୁ 'ମିଡ଼ିଆ କ୍ଲବ ଗୁଣପୁର'ର ଆଇନ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା । ଲକ୍ଷ୍ମୀ ମହାଙ୍କୁଡଙ୍କୁ ସଂଘର କୋଷାଧ୍ୟକ୍ଷ ତଥା ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ଖବରଦାତା ରାକେଶ ପାଢ଼ି, ଦିଲିପ ରାଜଗୁରୁ ମହାପାତ୍ର, ମହେଶ ପାଟଖଣ୍ଡାଳ, ଜଗଦୀଶ ପ୍ରସାଦ ଶତପଥୀ, ଅନିଲ ଚୌଧୁରୀ, ସୁନୀଲ ସାବତ, ଶୀଲା ଗମାଙ୍ଗ,ଉମା ମହାଙ୍କୁଡ ଓ ବିଷ୍ଣୁ ଶତପଥିଙ୍କୁ ସଂଘର କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ଚୟନ କରାଯାଇଛି ।

# ସେଞ୍ଚୁରିଅନ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ରାୟଗଡ଼ା,୫।୨(ଆଶିଷ ରଞ୍ଜନ ପଣ୍ଡା)




କୋଲନରା ବ୍ଲକ ଥେରୁବାଲିସ୍ଥିତ ସେଞ୍ଚୁରିନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇମ୍ପା ସାଧାରଣ ପରିଚାଳକ ଶ୍ରୀନିବାସ ରାଓ, ସମ୍ମାନିତ ଅତିଥି ଭାବେ ଲୋକସମ୍ପର୍କ ଅଧିକାରୀ ଶକ୍ତି ପ୍ରସାଦ ପାଣିଗ୍ରାହୀ ଏବଂ ମୁଖ୍ୟବକ୍ତା ଭାବେ କୋଲନରା ବ୍ଲକ ଶିକ୍ଷାଧିକାରୀ ମଞ୍ଜୁଲତା ଜେନା ଯୋଗଦେଇଥିଲେ। ବିଶେଷ ଅତିଥି ଭାବେ ପ୍ରତିଷ୍ଠା ମିଶ୍ର, ଥେରୁବାଲି ସେଞ୍ଚୁରିଅନ ବିଦ୍ୟାଳୟ ପରାମର୍ଶଦାତା ଆର.ଏସ୍.ପଣ୍ଡା ଏବଂ ସେଞ୍ଚୁରିଅନ ବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ନିର୍ଦ୍ଦେଶକ ରାଜେଶ କୁମାର ପାଢ଼ୀ ଏବଂ ବିଦ୍ୟାଳୟର ଅଧ୍ୟକ୍ଷା ସଙ୍ଗୀତା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ତେଣୁ ସେଞ୍ଚୁରିଅନ ଭଳି ଶିକ୍ଷାନୁଷ୍ଠାନ ଅଞ୍ଚଳରେ ଗତ ୩ବର୍ଷ ହେଲା ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ବିଦ୍ୟାଳୟ ପରାମର୍ଶଦାତା ପଣ୍ଡା ନିଜ ଅଭିଭାଷଣରେ କହିଥିଲେ। ଏହି ଅବସରରେ ସେଞ୍ଚୁରିଅନ ପବ୍ଲିକ ସ୍କୁଲ ତରଫରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହିତ କୁନିକୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ୩୦୦ରୁ ଊର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ ।

# ମାଳିଗାଁକୁ ହରାଇ ନୂଆଗାଁ ଦଳ ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଟିକିରି,୫।୨ (ପ୍ରଫୁଲ କୁମାର ବେହେରା)

## ବ୍ଲକସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ

କାଶୀପୁର ବ୍ଲକ ଅନ୍ତର୍ଗତ ମାଇକଞ୍ଚ ପଞ୍ଚାୟତରେ ଅଟଳ ବିହାରି ବାଜପାୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ବ୍ଲକସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ମ୍ୟାଚରେ ୧୬ଟି ଟିମ ଭାଗନେଇଥିଲେ। ପ୍ରଥମ ମ୍ୟାଚ ନୂଆଗାଁ ବନାମ ମାଳିଗାଁ ମଧ୍ୟରେ ଖେଳାଯାଇଥିବା ବେଳେ ନୂଆଗାଁ ବିଜୟ ହାସଲ କରିଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାଜପା ଜିଲା ସମ୍ପାଦକ ପ୍ରତାପ ପୁଆଲା ଓ ସମ୍ମାନିତ ଅତିଥି ଭାବେ ଜିଲା ଯୁବ ମୋର୍ଚ୍ଚା ସଭାପତି ଉମେଶ ଖୋସଲା, ଉପ ସଭାପତି ପ୍ରିତମ କୁମାର, ଜିଲା ସମ୍ପାଦକ ରାଜେଶ ସାହୁ, ପ୍ରସନ୍ନ କୁମାର, ମକରନ୍ଦ ପୂଜାରୀ, ହରିଶ ଚନ୍ଦ୍ର ଦଳେଇ, ପ୍ରସାଦ ଚେଲି, ମନୋଜ ବାତ୍ରିୟା,ଜଗଦୀଶ ପାତ୍ର, ଲବଣୀ ନାଏକ, ତ୍ରିନାଥ ପୂଜାରୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଜିଲାପାଳଙ୍କୁ ଭେଟିଲେ ମିସ୍ତ୍ରି ସଂଘ, ଟ୍ରାକ୍ଟର ମାଲିକ

ରାୟଗଡ଼ା,୫।୨(ଆଶିଷ ରଞ୍ଜନ ପଣ୍ଡା)

## ବାଲି ଚାଲାଣ ବନ୍ଦ ଯୋଗୁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ



ଜିଲାପାଳଙ୍କୁ ଅଭିଯୋଗ ପାଇଁ ଆସିଥିବା ଟ୍ରାକ୍ଟର ମାଲିକମାନେ।

ନାଗାବଳୀ ଓ ଝଞ୍ଜାବତୀ ନଦୀରୁ ଟ୍ରାକ୍ଟରରେ ବାଲି ଚାଲାଣବେଳେ ତହସିଲ ବିଭାଗ ଏନଫୋର୍ସମେଣ୍ଟ ଧରପଗଡ଼ ଯୋଗୁଁ ଦୀର୍ଘ ୧୧ ଦିନ ହେଲାଣି ରାୟଗଡ଼ାରେ ବାଲି ଚାଲାଣ ବନ୍ଦ ରହିଛି । ଫଳରେ ସହର ଓ ଏହାର ଉପକଣ୍ଠରେ ଏକପ୍ରକାର ନିର୍ମାଣ କାର୍ଯ୍ୟ ଠପ୍ ହୋଇପଡ଼ିଛି । ବାଲି ନ ଥିବା ଯୋଗୁଁ ସରକାରୀ ଓ ବେସରକାରୀ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ଅନ୍ୟପକ୍ଷରେ କାମ ଅଭାବରୁ ରାଜମିସ୍ତ୍ରି ଓ କୁଲି ମଜୁରି କରୁଥିବା ମଜୁରିଆଙ୍କ ରୋଜଗାର ମଧ୍ୟ ବନ୍ଦ ହୋଇଯାଇଛି । ତେଣୁ ଏହି ସମସ୍ୟାର ସମାଧାନ ପାଇଁ ପ୍ରଥମେ ମିସ୍ତ୍ରୀ ସଂଘ ଓ ପରେ ଟ୍ରାକ୍ଟର ମାଲିକମାନେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଜିଲାପାଳ ମନୋଜ ସତ୍ୟବାନ୍ ମହାଜନ ସେମାନଙ୍କ ଅଭିଯୋଗ ଗ୍ରହଣ କରି ରାଜସ୍ୱ ଓ ଖଣି ବିଭାଗ ସହିତ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ନାଗାବଳୀ ଓ ଝଞ୍ଜାବତୀ ନଦୀର ବିଭିନ୍ନ ଘାଟ ଲିଜ୍ ଦିଆଯାଇ ନ ଥିବାରୁ ୱାଇ ଫର୍ମ ମିଳୁନାହିଁ। ୱାଇ ଫର୍ମ ନ ଥାଇ ବାଲି ଆଣିଲେ ଏନଫୋର୍ସମେଣ୍ଟ ଟିମ୍ ମୋଟା ଅଙ୍କର ଜରିମାନା କାଟୁଥିବା ଟ୍ରାକ୍ଟର ମାଲିକମାନେ କହିଛନ୍ତି। ଟିପ୍ପର ଯୋଗେ ଆନ୍ଧ୍ରପ୍ରଦେଶ ଚାଲାଣ କରାଯାଉଥିଲେ ମଧ୍ୟ କାହିଁକି ଖଣି ଓ ରାଜସ୍ୱ ବିଭାଗ ଧରପଗଡ କରୁନାହିଁ ବୋଲି ଟ୍ରାକ୍ଟର ମାଲିକ ପ୍ରଶ୍ନ କରିଛନ୍ତି । ଏହି ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଟ୍ରାକ୍ଟର ଚଳାଚଳ ବନ୍ଦ ରହିବ ବୋଲି ମାଲିକମାନେ କହିଛନ୍ତି।

# ସରକାରୀ ସୁବିଧାରୁ ବଞ୍ଚିତ ପ୍ରକୃତ ହିତାଧିକାରୀ

ରାୟଗଡ଼ା,୫।୨(ଆଶିଷ ରଞ୍ଜନ ପଣ୍ଡା)

## ଜିଲାପାଳଙ୍କୁ ଭେଟିଲେ ଦୃଷ୍ଟିବାଧିତ ବୃଦ୍ଧା, ଭିନ୍ନକ୍ଷମ ଯୁବକ

ଗରିବ ଓ ଭିନ୍ନକ୍ଷମଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ହେଲେ ପ୍ରଶାସନିକ ସ୍ତରରେ ବିଭାଗୀୟ କର୍ମଚାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହିଁ ସରକାରୀ ସୁବିଧା । ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ବିଷମକଟକ ବ୍ଲକ ମହକୁମାରେ ରହୁଥିବା ଦୃଷ୍ଟିବାଧିତ ବୃଦ୍ଧା ମନ୍ଦ କୌଶଲ୍ୟା (୬୧)ଙ୍କ କ୍ଷେତ୍ରରେ । ବୃଦ୍ଧା ମନ୍ଦ ଜଣେ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ତାଙ୍କୁ ସରକାରଙ୍କ ପକ୍ଷରୁ ଭତ୍ତା ମିଳୁନି କି ମାଗଣା ଚାଉଳ ସୁବିଧା ମଧ୍ୟ ମିଳୁନାହିଁ । ଏ ନେଇ ସୋମବାର ସେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସି ଅଭିଯୋଗ କରିଛନ୍ତି । ଅଭିଯୋଗ ଶୁଣିବା ପରେ ଜିଲାପାଳ ମହାଜନ ବୃଦ୍ଧାଙ୍କୁ ମାସିକ ୨୦କେଜି ଚାଉଳ ଦେବା ପାଇଁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଉମେଶ ଚନ୍ଦ୍ର ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ବିଭାଗୀୟ ଅଧିକାରୀଙ୍କୁ ମନ୍ଦଙ୍କ ପାଇଁ ଚାଉଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ବୃଦ୍ଧା ମନ୍ଦଙ୍କ ଅଭିଯୋଗ ଅନୁସାରେ ତାଙ୍କ ସ୍ୱାମୀ ଡିନ କୌଶଲ୍ୟା ବହୁ ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଛନ୍ତି । ମନ୍ଦଙ୍କ ଏକମାତ୍ର ପୁଅ ଥିବାବେଳେ ସେ ମଧ୍ୟ ଗତ ୧୦ ହେବ ଛାଡ଼ି କେଉଁଆଡ଼େ ଚାଲିଯାଇଛନ୍ତି । ପୁଅ ଯିବା ପରଠାରୁ ମନ୍ଦ ଅନ୍ୟ ଲୋକଙ୍କ ଦୟାରେ ଜୀବନ କାଟୁଥିବା କହିଛନ୍ତି । ୨ ବର୍ଷ ପୂର୍ବେ ଥରେ ମାତ୍ର ତାଙ୍କୁ ମାଗଣା ଚାଉଳ ୫କେଜି ମିଳିଥିଲା । ଏହାପରେ ତାଙ୍କୁ ଆଉ ଚାଉଳ କିମ୍ବା ଅନ୍ୟ ସରକାରୀ ସୁବିଧା ମିଳିଲା ନାହିଁ । ଏ ନେଇ ସେ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କଲେ ମଧ୍ୟ କେହି ନ ଶୁଣିବାରୁ ନିରାଶ ହୋଇ ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବୃଦ୍ଧା କହିଛନ୍ତି । ସେହିଭଳି ଅନ୍ୟ ଜଣେ ଯୁବକ ଆକାଶ ସୁନା(୨୪) ଜନ୍ମରୁ ଭିନ୍ନକ୍ଷମ । ଶରୀରର ୯୦% ଅକ୍ଷମ ରହିଥିବା କାରଣରୁ ସରକାରଙ୍କ ନିକଟରୁ ସାର୍ଟିଫିକେଟ ମଧ୍ୟ ପାଇଛନ୍ତି। ତେବେ ତାଙ୍କୁ ଭିନ୍ନକ୍ଷମ ଭତ୍ତା ଭାବେ ମାସିକ ୫ଶହ ଟଙ୍କା ମିଳୁଛି । ଏହାଛଡ଼ା ଅନ୍ୟ କୌଣସି ସରକାରୀ ସହାୟତା ମିଳୁ ନ ଥିବା ଆକାଶ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ଜିଲାପାଳ ମହାଜନ ବିଭାଗୀୟ ଅଧିକାରୀଙ୍କୁ ଡାକି ଆକାଶଙ୍କୁ ଅନ୍ୟ ସରକାରୀ ସୁବିଧା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ଦୃଷ୍ଟିବାଧିତ ବୃଦ୍ଧା ମନ୍ଦ କୌଶଲ୍ୟା ଓ ଦିବ୍ୟାଙ୍ଗ ଆକାଶ ସୁନା।

## ସଂକ୍ଷେପରେ

### ଆଜି ୯ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ

ଜୟପୁର, ୫।୨ (ପବନ ପାଣିଗ୍ରାହୀ)

ଜୟପୁର ଉପଖଣ୍ଡରେ ମଙ୍ଗଳବାର ୯ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ଟାଟା ପାୱାର ପକ୍ଷରୁ କୁହାଯାଇଛି। ଜୟପୁର ଉପଖଣ୍ଡର ବୋରିଗୁମ୍ମା, କୋଟପାଡ, କୁନ୍ଦୁରା, ବୈପାରିଗୁଡା ଅଞ୍ଚଳରେ ଏହି ବିଦ୍ୟୁତ ସରବରାହ ସକାଳ ୮ଟାରୁ ଅପରାହ୍ଣ ୫ଟାଯାଏ ବନ୍ଦ ରହିବ । ଜୟନଗର ଗ୍ରୀଡରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ହେତୁ ଏପରି ବିଦ୍ୟୁତ୍ ସରବରାହ ବନ୍ଦ କରାଯାଉଥିବା ଟାଟା ପାୱାର ପକ୍ଷରୁ କୁହାଯାଇଛି।

### ଦେଶୀ ମଦ ଚାଲାଣବେଳେ ଚଢ଼ାଉ, ୪ ଗିରଫ

ଜୟପୁର, ୫।୨ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ସୋମବାର ବାଲିଆ, ଜୟପୁର ସହର, ଆମ୍ୱାଗୁଡା ଓ ଭଟ୍ଟାଛିଞ୍ଚିରେ ଚଢାଉ କରି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ନେହଲତା ନାୟକ, ରାଜୁ ଖିତି, ସୁଶାନ୍ତ ନାୟକ ଓ ପ୍ରଦୀପ ଦଳେଇ। ସେମାନଙ୍କଠାରୁ ୪୧ ଲିଟର ଦେଶୀ ମଦ ଜବତ ହୋଇଥିବା ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ କହିଛନ୍ତି ।

### ପଞ୍ଚାୟତସ୍ତରୀୟ ସଚେତନତା

ଜୟପୁର, ୫।୨ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ରାଣୀଗଡ ଓ ପୂଜାରିପୁଟ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ଏବିଡିଓ ମନୋଜ ନାୟକ, ଜିଲା ପରିଷଦ ସଭ୍ୟା, ସରପଞ୍ଚ, ସମିତି ସଭ୍ୟ, ଗ୍ରାମବାସୀ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଇବାକୁ ଷ୍ଟଲମାନ ଖୋଲାଯାଇଥିଲା। ଜୟପୁର ବ୍ଲକର ୨୨ଟି ପଞ୍ଚାୟତରେ ଫେବୃଆରୀ ୬ ଯାଏ ଏହି ସଚେତନତା କାର୍ଯ୍ୟକ୍ରମ ଚାଲିବ।

### ଜୁଆ ଆଡ୍ଡାରେ ଚଢ଼ାଉ, ୪ ଗିରଫ

ଜୟପୁର, ୫।୨ (ପବନ ପାଣିଗ୍ରାହୀ)

ଭୂପତିସାହିରେ ଜୁଆଖେଳ ଚାଲିଥିବା ବେଳେ ଜୟପୁର ଟାଉନଥାନା ପୋଲିସ ଚଢାଉ କରି ୪ ଜଣଙ୍କୁ ଗିରଫ କରିଛି। ପୋଲିସକୁ ଦେଖି ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ତେବେ ସେମାନଙ୍କଠାରୁ ୪ ହଜାର ୯ ଶହ ଟଙ୍କା ଜବତ ହୋଇଥିବା ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ କହିଛନ୍ତି।

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ଜୟପୁର, ୫।୨ (ପବନ ପାଣିଗ୍ରାହୀ)

ସ୍ୱାମୀଙ୍କଠାରୁ ନିର୍ଯାତନା ପାଉଥିବା ନେଇ ଜଣେ ମହିଳା ରକସାନ ଟାକରି ଜୟପୁର ମହିଳା ଥାନାରେ ଅଭିଯୋଗ କରିଛନ୍ତି। ସହରର ଗୋପବନ୍ଧୁ ନଗରରେ ରହୁଥିବା ରକସାନ ୧୦ ବର୍ଷ ତଳେ ବିଷ୍ଣୁ ଟାକରିଙ୍କୁ ବିବାହ କରିଥିଲେ। ବିବାହର କିଛି ମାସ ଭଲରେ କଟିବା ପରେ ଏବେ କିଛି ମାସ ହେଲା ସ୍ୱାମୀ ବିଷ୍ଣୁ ତାଙ୍କୁ ନିର୍ଯାତନା ଦେଉଥିବା ରକସାନ ମହିଳା ଥାନାରେ କରିଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତାଙ୍କର ଦୁଇଟି ସନ୍ତାନ ରହିଛି। ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି ।

# ଭାଷା ଦୃଷ୍ଟିରୁ ନୁହେଁ, ସଂସ୍କୃତି ଦୃଷ୍ଟିରୁ ମଧ୍ୟ ହିନ୍ଦୀ ଆମକୁ ସମୃଦ୍ଧ କରିଛି

## ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବିଶ୍ୱ ହିନ୍ଦୀ ମହୋତ୍ସବ

କୋରାପୁଟ,୫।୨ (ଅମିତାଭ ବେହେରା)


ଅତିଥିମାନେ ବକ୍ତବ୍ୟ ରଖୁଛନ୍ତି।

ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ବିଦ୍ୟାଳୟ ପରିସରରେ ବିଶ୍ୱ ହିନ୍ଦୀ ମହୋତ୍ସବ ପାଳିତ ହୋଇଯାଇଛି । ସମଗ୍ର ବିଶ୍ୱରେ ହିନ୍ଦୀର ପ୍ରଚାର, ପ୍ରସାର ଲାଗି ଏଭଳି କାର୍ଯ୍ୟକ୍ରମ କରାଯାଇଛି। ଦେଶ ତଥା ବିଦେଶରେ ମଧ୍ୟ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଆସୁଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ଏକ ସତନ୍ତ୍ର ଆଲୋଚନଚକ୍ର ଆୟୋଜନ କାରାଯାଇଥିଲା।ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରି ପ୍ରଥମ ଅଧିବେଶନର ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ବକ୍ତା ଭାବେ ଆଲହାବାଦ ବିଶ୍ୱବିଦ୍ୟାଳୟ ପ୍ରୟାଗରାଜର ଅବସରପ୍ରାପ୍ତ ହିନ୍ଦୀ ପ୍ରଫେସର ରାମକିଶୋର ଶର୍ମା ଏବଂ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପୂର୍ବତନ ଏମ୍ରିଟସ ପ୍ରଫେସର ହରିଶଙ୍କର ମିଶ୍ର, ଅନ୍ୟତମ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ପରାମର୍ଶଦାତା ପ୍ରଫେସର ବିଭାଷ ଚନ୍ଦ୍ର ଝା ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ବିଶ୍ୱବିଦ୍ୟାଳୟର ଭାଷାସମୂହ ଡିନ ଏବଂ ଭାରପ୍ରାପ୍ତ କୁଳସଚିବ ଓ ବିତ୍ତଅଧିକାରୀ ପ୍ରଫେସର ନରସିଂହ ଚରଣ ପଣ୍ଡା ଥିଲେ। ବିଶିଷ୍ଟ ବକ୍ତା ଭାବେ ପ୍ରଫେସର ଶର୍ମା ନିଜ ଅନୁଭୂତି ଓ ଉପଲବ୍ଧି ପ୍ରକାଶ କରି ହିନ୍ଦୀ ଭାଷାର ସଂଘର୍ଷର କାହାଣୀ ଅବତାରଣା କରିଥିଲେ। ପ୍ରଫେସର ହରିଶଙ୍କର ମିଶ୍ର ହିନ୍ଦୀ ଭାଷା କିପରି ସମଗ୍ର ବିଶ୍ୱରେ ତାର ସାତନ୍ତ୍ରତା ଜାହିର କରିଛି ସେନେଇ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଝା ହିନ୍ଦୀକୁ ବୈଷୟିକତା ସହିତ ଯୋଡିଧରି ନୂତନ ବୈଜ୍ଞାନିକ କୌଶଳ ସହିତ ଆଗେଇଲେ ଏହାର ବିଶମୁଖୀଭାବ ଆହୁରି ଅଧିକ ଶକ୍ତିଶାଳୀ ହୋଇପାରିବ ବୋଲି କହିଥିଲେ। ମୁଖ୍ୟ ସଂଯୋଜକ ପ୍ରଫେସର ନରସିଂହ ଚରଣ ପଣ୍ଡା ହିନ୍ଦୀ କିପରି ମଣିଷକୁ ଏକତ୍ରିତ କରିବା ସହିତ ଜାତୀୟତାକୁ ବୃଦ୍ଧି କରିବାରେ ସହାୟକ ହୋଇଛି ତାହାର ଅବତାରଣା କରିଥିଲେ।। ଆଲୋଚନଚକ୍ରର ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତ୍ରିପାଠୀ ହିନ୍ଦୀ ଆମକୁ କେବଳ ଭାରତର ଅଗ୍ରଣୀ ଭାଷା ଦୃଷ୍ଟିରୁ ନୁହେଁ ; ସଂସ୍କୃତି ଦୃଷ୍ଟିରୁ ଆମକୁ ସମୃଦ୍ଧ କରିଛି ବୋଲି କହିଥିଲେ। ଆଲୋଚନଚକ୍ରରେ ବିଶ୍ୱବିଦ୍ୟାଳୟର ହିନ୍ଦୀ ସ୍ୱାକ୍ଷରତା ଅଭିଯାନର ସଂଯୋଜିକା ଡ. ନିର୍ଝରିଣୀ ତ୍ରିପାଠୀ ଏହି ଅଭିଯାନର ରୂପରେଖ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଫେସର ହେମରାଜ ମିନା ପରିଚାଳନା କରିଥିଲେ। ଡ. ଚକ୍ରଧର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ରାସ୍ତା କଡ଼ରେ ଦୁଃସାହସିକ ଖେଳ ଦେଖାଉଛନ୍ତି କୁନିଝିଅ


ଜଣେ କୁନି ଝିଅ ରାସ୍ତା କଡରେ ଦୁଃସାହସିକ କ୍ରୀଡା ପ୍ରଦର୍ଶନ କରୁଛନ୍ତି।

ସେମିଳିଗୁଡା/ସୁନାବେଡା, ୫।୨ (ବାସୁଦେବ ବରାଡ/କୃତ୍ତିବାସ ପ୍ରଧାନ)

ସୁଦୂର ରାଜସ୍ଥାନରୁ ଆସି ସେମିଳିଗୁଡାର ରାସ୍ତା କଡରେ ଦୁଃସାହସିକ ଖେଳ ଦେଖାଉଛନ୍ତି ଜଣେ କୁନି ଝିଅ। ରାଜସ୍ଥାନର ଯୋଧପୁର ଜିଲା ଚଣ୍ଡେଲାଓ ଅଞ୍ଚଳର ସଞ୍ଜୀବ କୁମାରଙ୍କ ଜମିବାଡି କିଛି ନ ଥିବାରୁ ପରିବାର ସହ ଏଠାକୁ ଆସି ରାସ୍ତା କଡରେ ଦୁଃସାହସିକ ଖେଳ ପ୍ରଦର୍ଶନ କରୁଥିବା କହିଛନ୍ତି। ସଞ୍ଜୀବ ସହରରେ ବୁଲି ଫେରି କରୁଛନ୍ତି। ସ୍ତ୍ରୀ ଓ ଝିଅପୁଅ ଦୁଃସାହସିକ ଖେଳ ପ୍ରଦର୍ଶନ କରୁଥିବା ସେ କହିଛନ୍ତି।

# ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ପାଇଲା କୋରାପୁଟ ନୃତ୍ୟ

ଜୟପୁର,୫।୨ (ପବନ ପାଣିଗ୍ରାହୀ)

ନୀଳାଚଳ ପଲିଟେକନିକ ଭୁବନେଶ୍ୱର ଠାରେ ଚାଲିଥିବା ରାଜ୍ୟସ୍ତରୀୟ ପଞ୍ଚଦିବସୀୟ କନିଷ୍ଠ ରେଡ଼କ୍ରସ ଅଧ୍ୟୟନ ତଥା ପ୍ରଶିକ୍ଷଣ ଶିବିର ଶେଷ ହୋଇଛି। ଏଠାରେ ଅନୁଷ୍ଠିତ କୋରାପୁଟ ନୃତ୍ୟ ରାଜ୍ୟ ସ୍ତରରେ ପ୍ରଥମ ହୋଇଛି। ସେବା ନିବୃତ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତଥା ସଚିବ ବିଭୂତି ଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ରେଡକ୍ରସ ଓଡିଶା ଶାଖାର ସଚିବ ମେଜର ଡ.କଳ୍ପନା ଦାସ, ମୁଖ୍ୟବକ୍ତା ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର, ସମ୍ମାନିତ ଅତିଥି ରୂପେ ଭୁବନେଶ୍ୱର ସୃଷ୍ଟି ଏକାଡେମୀର ଚେୟାରମ୍ୟାନ ସରୋଜ ସାହୁ ଉପସ୍ଥିତ ଥିଲେ। ପ୍ରତି ଜିଲାରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କୋରାପୁଟର ଦଳଗତ ନୃତ୍ୟ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତରକୁ ମନୋନୀତ ହୋଇଛି। ପରାମର୍ଶଦାତା ତପନ ପରିଡ଼ା ଓ ପରାମର୍ଶଦାତ୍ରୀ ଶୁଭସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ୧୨ଜଣ ଛାତ୍ରୀଛାତ୍ର ଏହି ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିରରେ ସାମିଲ ହୋଇଥିଲେ।

# ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ନେଇ ସଚେତନତା

କୋରାପୁଟ,୫।୨ (ଅମିତାଭ ବେହେରା )

କୋରାପୁଟସ୍ଥିତ ସଦଭାବନା ସଭା ଗୃହରେ ପ୍ରାକୃତିକ ବିପତ୍ତି ବନ୍ୟା ସମୟରେ କିପରି ଉଦ୍ଧାରକାର୍ଯ୍ୟ କରାଯିବ ସେନେଇ ଏନଡିଆରଏଫ ପକ୍ଷରୁ ଏକ ସଚେତନତା ସଭା ସୋମବାର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏନଡିଆରଏଫ ସେକେଣ୍ଡ ଇନକମାଣ୍ଡ ବର୍ଦ୍ଧମାନ ମିଶ୍ରା, କୋରାପୁଟ ତହସିଲଦାର ଏସକେ ସବିର ଶାହାଙ୍କ ସମେତ କୋରାପୁଟ ଅଗ୍ନିଶମ ବାହିନୀ, ଓଏସଏପି ତୃତୀୟ ବାଟାଲିୟନର ଓଡ୍ରାଫ ଟିମ ଏବଂ ବେସାମରିକ ପ୍ରତିରକ୍ଷା ବାହିନୀର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ପ୍ରାକୃତିକ ବିପଦ ବନ୍ୟା ସମୟରେ କିପରି ଧନ ଜୀବନର ସୁରକ୍ଷା କରାଯାଇପାରିବ ସେନେଇ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନଡିଆରଡିଏଫ ସେକେଣ୍ଡ ଇନ କମାଣ୍ଡ ମିଶ୍ର ବନ୍ୟା ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କିଭଳି ପଦକ୍ଷେପ ନିଆଯିବ ସେନେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଡିଆରଆରସି ଏ.କେ.ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜରୁରୀକାଳୀନ ବିଭାଗର ଅବସରପ୍ରାପ୍ତ ସେକ୍ସନ ଅଫିସର ପ୍ରକାଶ ସାମଲ ସହାୟତା କରିଥିଲେ।

# ୬୫୭ ଜଣଙ୍କୁ ମିଳିଲା ପ୍ରୋତ୍ସାହନ ରାଶି


ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି।

## ନନ୍ଦପୁରରେ ଆବାସ ମେଳା

ନନ୍ଦପୁର, ୫।୨ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଆବାସ ମେଳା ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ୨୩ ପଞ୍ଚାୟତରେ ପ୍ରଦାନ କରାଯାଇଥିବା ୩୦୯୧ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ମଧ୍ୟରୁ ୧୩୦୦ ହିତାଧିକାରୀ ମେଳାରେ ସାମିଲ ହୋଇଥିଲେ। ସେଥିମଧ୍ୟରୁ ୩୪୦ ହିତାଧିକାରୀ ଆବାସ ଗୃହ ସମ୍ପୂର୍ଣ୍ଣ କରିଥିବାରୁ ସେମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ୪ ମାସରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଥିବା ୨୭୭ ଜଣ ହିତାଧିକାରୀଙ୍କୁ ୨୦ହଜାର ଓ ୭ ମାସରେ ନିର୍ମାଣ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଅନ୍ୟ ୬୫୭ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣର ଦ୍ୱିତୀୟ କିସ୍ତି ଟଙ୍କା ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଇଥିଲା। ବ୍ଲକ ଆବାସ ସଂଯୋଜକ ପବିତ୍ର ସାହୁ ଓ ବ୍ଲକ ଆବାସ ସହାୟକ ସୁରେଶ ବାଙ୍କିଆ ପରିଚାଳନା କରିଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲେ ଉଚ୍ଚଶିକ୍ଷା, ଡିଗ୍ରୀ ମହାବିଦ୍ୟାଳୟ ଅଧାପିକା, ଅଧାପକ

ପଟ୍ଟାଙ୍ଗି,୫।୨ (ଶରତ ଧଳ)


ଫାଟକରେ ତାଲା ପକାଇ ଅଧ୍ୟାପିକା ଅଧ୍ୟାପକମାନେ ଆନ୍ଦୋଳନ କରୁଛନ୍ତି।

ରାଜ୍ୟରେ ଉଚ୍ଚଶିକ୍ଷା ଏବଂ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପିକା ଓ ଅଧ୍ୟାପକମାନେ ନିଜର ଦାବି ପୂରଣ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ଏନେଇ ଛାତ୍ରୀଛାତ୍ରମାନେ ଚିନ୍ତିତ ହୋଇପଡିଛନ୍ତି। ଆଗକୁ ପରୀକ୍ଷା ଲାଗି ସେମାନେ କିପରି ପ୍ରସ୍ତୁତ ହେବେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଡିଗ୍ରୀ ମହାବିଦ୍ୟାଳୟର କର୍ମକର୍ତ୍ତା ରାଜ୍ୟ ନିଖିଳ ଓଡିଶା ୬୬୨ ବର୍ଗର ଆହ୍ୱାନରେ ୭ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇ ଛନ୍ତି। ଏପରି ସ୍ଥିତିରେ ପଟ୍ଟାଙ୍ଗିର ଉପରୋକ୍ତ ଦୁଇ ବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକ ମାନେ ବିଦ୍ୟାଳୟର ମୁଖ୍ୟ ଫାଟରେ ତାଲା ପକାଇ ଆନ୍ଦୋଳନ କରିଥିଲେ । ବିଗତ ଦିନରେ ଆନ୍ଦୋଳନ ସମୟରେ ସରକାର ସେମାନଙ୍କ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପାଳନ କରିନାହାନ୍ତି। ଫଳରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେଲେ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଆନ୍ଦୋଳନ ସମୟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଧ୍ୟକ୍ଷ ରାମକୃଷ୍ଣ ସାମଲ, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଜମ୍ମେଶ୍ୱର ସାହୁ, ଅଧ୍ୟାପକ ଶେଷଦେବ ବାରିକ, ଅମିୟ ସ୍ୱାଇଁ, ବୈଲ୍ୟଚନ ରଣା, ଜେମସ ପ୍ରାକ୍ସିନ ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ


ଅତିଥି ପଞ୍ଚାୟତ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ଦଶମନ୍ତପୁର, ୫।୨ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ସୋମବାର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏମ୍.ଗୋବିନ୍ଦ ରାଓଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବ୍ଲକ ମଙ୍ଗଳ ସାମ୍ପ୍ରସାରଣ ଅଧିକାରୀ ପ୍ରଦୀପ ନାୟକ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅରୁଣ ଚେଟ୍ଟି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ସବାଇ ଜାନି, ସମିତିସଭ୍ୟା ମଧୁସ୍ମିତା ବାଘ, ସାମାଜିକ କର୍ମୀ ପ୍ରତାପ ଖସଲା, ଅନନ୍ତ ଖରା, ଦଶରଥ ମୁଦୁଲି, ଅରୁଣ ଚେଟ୍ଟି, ସିଆରସିସି ମଧୁସୂଦନ ପାତ୍ର, ଜିପିଇଓ ସ୍ମୃତି ରଞ୍ଜନ ନାୟକ, ଗିର୍ଲିଗୁମ୍ମା ପିଇଓ ଜୁନାଥନ ହିଆଲ, ରବି ତାମାବ ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷା ବିଭାଗ, ମିଶନ ଶକ୍ତି, ସମନ୍ୱିତ ଶିଶୁ ବିକାଶ, କୃଷି, ସ୍ୱାସ୍ଥ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଷ୍ଟଲ ମାନ ଖୋଲାଯାଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଆମ ପଞ୍ଚାୟତ ବିକାଶ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଯୋଗାଣ ସହାୟକ ଆଶିଷ ଖୁରା, ଜିଆର୍‌ଏସ୍‌କୃପାଞ୍ଜଳିମହାନନ୍ଦିଆଙ୍କସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ୭୪ ଅଭିଯୋଗ ଶୁଣିଲେ ଜିଲାପାଳ

## ସମସ୍ୟା ସମାଧାନ ନେଇ ଦେଲେ ପ୍ରତିଶ୍ରୁତି

ଦଶମନ୍ତପୁର,୫।୨ (ଅରବିନ୍ଦ ନାୟକ)



କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଭି.କୀର୍ତ୍ତି ଭଷନଙ୍କ ସଭାପତିତ୍ୱରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଏସ୍‌ପି ଅଭିନବ ସୋନକାର, ଆଇଏଏସ୍ ସୌମ୍ୟ ରଞ୍ଜନ ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ ଦୟାମୟ ପାଢ଼ୀ, ଉପଜିଲାପାଳ ବେଣୁଧର ଶବର, ବିଡିଓ ମିଲନ ଝାଙ୍କର, ସହକାରୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀ, ଜିଲା ଚିକିତ୍ସା ଅଧିକାରୀ କାହ୍ନୁ ଚରଣ ପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାସିନ୍ଧୁ ବାଘ, କନିଷ୍ଠ ଯନ୍ତ୍ରୀ ଦୁର୍ଗା ଚରଣ ମାର୍ଣ୍ଡି ଉପସ୍ଥିତ ଥିଲେ। ଶିବିରରେ ଜିଲାପାଳ ୭୪ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ବ୍ୟକ୍ତିଗତ ୪୧ଟି ଅଭିଯୋଗ ଥିବାବେଳେ ୩୩ଟି ସାମୂହିକ ଅଭିଯୋଗ ଥିଲା। ଶୁଣାଣି ବେଳେ କାମରେ ଆସୁ ନ ଥିବା ପେଡିସିଲ ପୋଲ, ପିଏଚ୍‌ଡି କାର୍ଯ୍ୟାଳୟ ନିକଟରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ପୋଲ ନିର୍ମାଣ, ରାସ୍ତା ଓ ପାନୀୟ ଜଳ ଭଳି ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ସମସ୍ୟାଗୁଡିକର ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅତିରିକ୍ତ ଥାନା ଅଧିକାରୀ ନିର୍ମଳା ଲିମା ପୋଲିସ ଟିମ୍ ସହ ଉପସ୍ଥିତ ଥିଲେ।

# ଅବିଭକ୍ତ କୋରାପୁଟ ଜିଲାର ୨୧ ପ୍ରକାର ଆଦିବାସୀଙ୍କ ସମାଗମ

ମାଲକାନଗିରି,୫।୨ (ଦୁର୍ଯ୍ୟୋଧନ ପାତ୍ର)


ଏକାଠି ହୋଇଥିବା ଆଦିବାସୀମାନେ।

ମାଲକାନଗିରି ଜିଲା ମାଥିଲି ବ୍ଲକ ସଭାଗୃହରେ ଅବିଭକ୍ତ କୋରାପୁଟ ଜିଲାର ୨୧ ପ୍ରକାର ଆଦିବାସୀଙ୍କ ସମାଗମ ହୋଇଥିଲା। ଆଦିବାସୀ ନେତା ଲକ୍ଷ୍ମଣ ନାୟକଙ୍କ ପ୍ରତମୂର୍ତ୍ତିରେ ୪ ଜିଲାର ଆଦିବାସୀ ମୁଖ୍ୟମାନେ ଫୁଲମାଳ ଦେଇ ବ୍ଲକରେ ପହଞ୍ଚିଥିଲେ। ଜିଲା ଆଦିବାସୀ ସଂଘ ସଭାପତି ଘେନୁ ମୁଦୁଲି ସ୍ୱାଗତ ଭାଷଣ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପ୍ରଥମେ ରାୟଗଡା ଜିଲାର ସ୍ୱର୍ଗତ ଲକ୍ଷ୍ମୀ ମାଝିଙ୍କ ମାମଲା ବିଷୟରେ ବିଶଦ ଭାବେ ଜଣାଇଥିଲେ। ପରେ ରାଜ୍ୟ ସରକାର ୧୬୯ ଗୋଷ୍ଠୀକୁ ଆଦିବାସୀ ମାନ୍ୟତା ଦେବାପାଇଁ ଯେଉଁ ତାଲିକା କେନ୍ଦ୍ର ସରକାରଙ୍କୁ ପଠାଇଛନ୍ତି। ସେ ବିଷୟରେ ଆଲୋଚନା କରା ଯାଇଥିଲା । ଏଥିରେ ଆଦିବାସୀ ସଂସ୍କୃତି, ପରମ୍ପରା, ଚାଲିଚଳନ, ରୀତି, ନୀତି ସହ ଖାପ ଖାଉଥିବା ଲୋକଙ୍କୁ ସାମିଲ କରିବା ସହ ଗୋଟେ ଗୋଟେ ଆଦିବାସୀ ଗୋଷ୍ଠୀକୁ ଭାଗ ଭାଗ କରି ଦିଆଯାଇଥିବା କଥା ଜଣାପଡିଲା । ଶେଷରେ କୋରାପୁଟ ଜିଲା ପାଇଁ ଏକ ଆଦିବାସୀ ମହା ସଂଘ ବା ଦକ୍ଷିଣ ଓଡିଶା ଆଦିବାସୀ ମହାସଂଘ ଗଠନ କରାଯାଇଥିଲା। ଏହି କମିଟିରେ ସବୁ ଜିଲାରେ ବାସ କରୁଥିବା ସବୁ ଆଦିବାସୀ ଗୋଷ୍ଠୀର ଜଣେ ଜଣେ ସଭ୍ୟ ସଭ୍ୟା ନେଇ ୫୧ ଜଣଙ୍କୁ ମନୋନୀତ କରା ଯାଇଥିଲା। ନବରଙ୍ଗପୁର ଜିଲାର ବଳିଷ୍ଠ ସଂଗଠକ ଅର୍ଜୁନ ଭତରାଙ୍କୁ ସର୍ବସମ୍ମତି କ୍ରମେ ଅବିଭକ୍ତ କୋରାପୁଟ ଜିଲା ସଭାପତି ଭାବେ ଚୟନ କରାଯିବା ସହ ରାୟଗଡା ଜିଲାକୁ ସରକାକୁ ସାଧାରଣ ସମ୍ପାଦକ, ଉପସଭାପତି ଭାବେ ସରସ୍ୱତୀ ନାୟକ ବନମାଳୀ ମାଝି, ଦୈତାରୀ ଶୌରା, ଏବଂ କୃଷ୍ଣଚନ୍ଦ୍ର ଶାଙ୍କୁ ଚୟନ କରାଯାଇଥିଲା। ଉପଦେଷ୍ଟା କମିଟିରେ ରାୟଗଡାର ରାମଚନ୍ଦ୍ର ନିଶିକା, କୋରାପୁଟ ଜିଲାରୁ ଝାଲିଆ ପାମୀୟା, ନବରଙ୍ଗପୁରରୁ ଶଶିଧର ମାଝି, ମାଲକାନଗିରିରୁ ଆନନ୍ଦ ମାଡି, ଆଇନ ପରାମର୍ଶ ଦାତା ଭାବେ ରବୀନ୍ଦ୍ର ମାଡି ଓ ଅବିଭକ୍ତ କୋରାପୁଟ ଜିଲାର ମୁଖ୍ୟ ସଂଗଠକ ଭାବେ ରାଜମୋହନ ଭତରାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଏହି ନବ ନିଯୁକ୍ତି ଅବିଭକ୍ତ କୋରାପୁଟ ଜିଲାର ଆଦିବାସୀ ମହାସଂଘ କର୍ମକର୍ତ୍ତା ଗଣ ଆଗାମୀ ଦିନରେ ଉପୁଜି ଥିବା ରାୟଗଡା କାର୍ଯ୍ୟକ୍ରମରେ ଶପଥ ନେବେ ବୋଲି ଜଣାପଡଛି।

# ଆମ ଓଡିଶା ନବୀନ ଓଡିଶା ସଚେତନତା ଶିବିର

ମାଲକାନଗିରି,୫।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବ୍ଲକ ତଣ୍ଡିକି ପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ମାଲକାନଗିରି ବିଡିଓ ପ୍ରଭାତୀ ଝଡିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଗୌରୀ ପଡିଆମି, ସାମାଜିକକର୍ମୀ ସର୍ବ ବିଶୋଇ, କଣ୍ଟେଶ୍ୱର ପଲ୍ଲୀ ସମସ୍ତ ସରକାରୀ ପଦାଧିକାରୀ ଓ ଆଖପାଖ ସରପଞ୍ଚ ଉପସ୍ଥିତ ଥିଲେ। ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲାକୁ ସାମିଲ କରିଥିବା ବେଳେ ଗ୍ରାମାଞ୍ଚଳରେ ସଂସ୍କୃତିର ପ୍ରସାର ଓ ଆଧୁନିକ ଭିତ୍ତିଭୂମିର ଉନ୍ନତି ହେଉ ନ ଥିବା ବେଳେ ଏହାର ଉନ୍ନତି ନିମନ୍ତେ ଆମ ଓଡିଶା ନବୀନ ଓଡିଶା ତରଫରୁ ଏହି ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଏସ୍‌ଏଚ୍‌ଜି ସଦସ୍ୟ ଉପସ୍ଥିତ ଥିଲେ ।

# ୧୮ କୃତୀ ଛାତ୍ରୀଛାତ୍ର ପୁରସ୍କୃତ

## ଜିଲାସ୍ତରୀୟ ଭାଷା ସାହିତ୍ୟ ସୃଜନଶୀଳତା ଉତ୍ସବ

କୋରାପୁଟ,୫।୨ (ଅମିତାଭ ବେହେରା)


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

କୋରାପୁଟସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ସୋମବାର ଜିଲାସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗନ୍ନାଥ ଭଦ୍ରା ସଭାପତିତ୍ୱ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ କୋରାପୁଟ ବ୍ଲକ ବରିଷ୍ଠ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି, ଲକ୍ଷ୍ମୀପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ବେହେରା, ବନ୍ଧୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅରୁଣ ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ୧୪ଟି ବ୍ଲକରୁ ୮୦ ଜଣ ଛାତ୍ରୀଛାତ୍ର ବିତର୍କ, କୁଇଜ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୬୩ ଜଣ ସାଂସ୍କୃତିକ ପ୍ରଦର୍ଶନୀରେ ଏବଂ ୫୬ ଜଣ କଳା, ହସ୍ତକଳା ଏବଂ ସୃଜନଶୀଳ ସାହିତ୍ୟ ପ୍ରଦର୍ଶନୀରେ ଭାଗ ନେଇଥିଲେ। ଭାଷା ଓ ସାହିତ୍ୟ ଆଲୋଚନାଚକ୍ରରେ କମାକ୍ଷୀ ପାଢ଼ୀ, ଯଜ୍ଞେଶର ପଣ୍ଡା, ବିଜୟ ପ୍ରଧାନ ଓ ରମେଶ ଚନ୍ଦ୍ର ସାହୁ ନିଜ ମତ ରଖିଥିଲେ। ଏହି ଅବସରରେ ମୋ ସ୍କୁଲ ଅଭିଯାନ ସମ୍ପର୍କିତ ଏକ ଆଲୋଚନାଚକ୍ର ହେଇଥିଲା। ଉଦଯାପନୀ ଉତ୍ସବରେ ୧୮ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବାଳିକା ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶୁଭେନ୍ଦୁ ପାଢ଼ୀ, ଚନ୍ଦ୍ରକଳା ବଗର୍ତ୍ତି, ଭେଙ୍କେଟେଶ୍ୱର ମିଶ୍ର, ଏ. ଆର୍. ଖାନ, ଭବେଶ ପତି, ପ୍ରଦୀପ ପାତ୍ର ସହଯୋଗ କରିଥିଲେ।

## ସଂକ୍ଷେପରେ

### ଛାତ୍ରୀଙ୍କୁ ଦୁର୍ବ୍ୟବହାର କରି ୨ ଗିରଫ

କୋଡ଼ିଙ୍ଗା,୫।୨(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅନ୍ତର୍ଗତ କୋଟଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଦୁଇ ଛାତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ୨ଜଣ ଯୁବକ ଗିରଫ ହୋଇଛନ୍ତି। କୋଟଗାଁ ପଞ୍ଚାୟତରେ ଆମ ଓ ନବୀନ ଓଡିଶା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ କୋଟଗାଁ ସ୍କୁଲର ଛାତ୍ରୀଛାତ୍ରମାନେ ଯାଇଥିଲେ। କାର୍ଯ୍ୟକ୍ରମ ସାରି ଅପରାହ୍ନ ୫ଟାରେ ଫାମ୍ପୁଣି ଗ୍ରାମର ଜଣେ ନବମ ଏବଂ ଦଶମ ଶ୍ରେଣୀର ଛାତ୍ରୀ ଘରକୁ ଫେରୁଥିବା ବେଳେ ନରସିଂହଗୁଡା ଗ୍ରାମର ଦୁଇଜଣ ଯୁବକ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ସମ୍ପୃକ୍ତ ୨ ଯୁବକ ହେଲେ ପଦଲମ ଭତ୍ରା, ଘେନୁଆ ଭତ୍ରା। ଏହି ସମୟରେ ସେହି ରାସ୍ତାରେ ସ୍କୁଲ କର୍ମଚାରୀ ଦେବରାଜ ଭୂୟାଁ ଯାଉଥିଲେ। ସେ ସମ୍ପୃକ୍ତ ଯୁବକମାନଙ୍କୁ ବରଣ କରିବାରୁ ତାଙ୍କୁ ମଧ୍ୟ ଦୁଇ ଯୁବକ ଦୁର୍ବ୍ୟବହାର କରି ଗାଳିଗୁଲଜ କରିଥିଲେ। ଏହି ସମୟରେ ଅନ୍ୟ ଗ୍ରାମର ଗ୍ରାମବାସୀ ସେଠାରେ ପହଞ୍ଚିଯିବାରୁ ୨ ଯୁବକ ସେଠାରୁ ପଳାଇଥିଲେ। ଏ ନେଇ ଛାତ୍ରୀମାନେ କୋଡ଼ିଙ୍ଗା ଥାନାରେ ଏତଲା ଦେଇଛନ୍ତି। କୋଡ଼ିଙ୍ଗା ପୋଲିସ କେସ୍ ନଂ .୨୯/୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି। ଗିରଫ ପରେ ସମ୍ପୃକ୍ତ ୨ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଛି।

### ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



ଉମରକୋଟ, ୫।୨ (ସନ୍ତୋଷ ଶତପଥୀ)

ଉମରକୋଟସ୍ଥିତ ନୋଡାଲ ଏସ.ଏସ. ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ, ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ତ୍ରିପାଠୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତ୍ରୟ ପୁରୁଷୋତ୍ତମ ମାଝୀ, ସୁଶୀଳା ଯୋଦ୍ଧାର ଓ ଦେବେନ୍ଦ୍ର କୁମାର ବାଘ ମଞ୍ଚାସୀନ ଥିଲେ। ପ୍ରତି ବିଭାଗରେ ୩ ଜଣ କୃତି ପ୍ରତିଯୋଗୀଙ୍କୁ ଅତିଥି ସିଲଡ଼ ଦେଇ ପୁରସ୍କୃତ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ହାସଲ କରିଥିବା ମୋଟ ୬ ଶିକ୍ଷାର୍ଥୀ ମଙ୍ଗଳବାର ନବରଙ୍ଗପୁର ଆର.ସି.ଡ଼ି ହାଇସ୍କୁଲଠାରେ ଆୟୋଜିତ ହେବାକୁଥିବା ଜିଲାସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଅଂଶ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଟୁଟୁବାବୁ ପଟ୍ଟନାୟକ, ସମୀର ପ୍ରଧାନ, ବିବେକାନନ୍ଦ ପଟ୍ଟନାୟକ,ହୃଷିକେଶ ସାହୁ, ବାବୁରାମ ପାତ୍ର, ସୁଜ୍ଞାନୀ ପ୍ରଧାନ, ସୁଦର୍ଶନ ହରିଜନ,ଅଜୟ ଛୋଟରାୟ , ଫନିନ୍ଦ୍ର ଗାଇନ ଯଶୋବନ୍ତ ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ହତ୍ୟାକାଣ୍ଡକୁ ଚାପିଦେବାକୁ ପୋଲିସର ଉଦ୍ୟମ

**ନବବଧୂ ଗୀତା ସେଠୀ ମୃତ୍ୟୁ ମାମଲା**

- ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ
- ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଏସ୍‌ପିଙ୍କ ନିର୍ଦ୍ଦେଶ

ନବରଙ୍ଗପୁର,୫।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଭିମାସାହିର ନବବଧୂ ଗୀତା ସେଠୀଙ୍କ ମୃତ୍ୟୁ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ସୋମବାର ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ବେକ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ବେଳେ କ୍ଷତଚିହ୍ନ ନାହିଁ କହି ପୋଲିସ ପ୍ରକୃତ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରୁଛି ବୋଲି ଅଭିଯୋଗରେ କୁହାଯାଇଛି। ଏନେଇ ଏସ୍‌ପି ଓ ଜିଲାପାଳଙ୍କୁ ଘଟଣା ସମ୍ପର୍କରେ ସ୍ୱର୍ଗତ ଗୀତାଙ୍କ ୩ ଭଉଣୀ ମାନସୀ, ରୀତା ଓ ମମିତା ଜଣାଇଛନ୍ତି। ଅଭିଯୁକ୍ତ ଶିକ୍ଷକ ସ୍ୱାମୀଙ୍କୁ ଗତ ୨ ତାରିଖରେ ପୋଲିସ ଗିରଫ କରିଥିଲେ ସୁଦ୍ଧା ଅନ୍ୟ ଅଭିଯୁକ୍ତମାନେ ପାପଡ଼ାହାଣ୍ଡିରେ ବୁଲୁଥିଲେ ମଧ୍ୟ ସେମାନଙ୍କୁ ଗିରଫ କରାଯାଉନାହିଁ ବୋଲି ନବରଙ୍ଗପୁର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଜିଲାପାଳ କମଳଲୋଚନ ମିଶ୍ର ଓ ଏସ୍‌ପି ରୋହିତ ବର୍ମାଙ୍କୁ ସମ୍ପୃକ୍ତା ୩ଭଉଣୀ ଜଣାଇଛନ୍ତି।



ଅଭିଯୋଗ ଶୁଣାଣିରେ ଏସ୍‌ପି ରୋହିତ ବର୍ମାଙ୍କୁ ୩ ଭଉଣୀ ମାନସୀ,ରୀତା ଓ ମମିତା ଅଭିଯୋଗ କରୁଛନ୍ତି।

ମାଲକାନଗିରି କେନାଲସାହିର ଗୀତାଙ୍କୁ ପାପଡ଼ାହାଣ୍ଡି ଗ୍ରାମର ସୁଦାମ ସେଠୀ ୧୧।୭।୨୦୨୩ରେ ଜୟପୁର ନିକଟସ୍ଥ ବାଡ଼ନିପୁଟ ମନ୍ଦିରରେ ବିବାହ କରିଥିଲେ। ବିବାହର କିଛିଦିନ ପରେ ସ୍ୱାମୀ ସୁଦାମ, ଶାଶୁ, ନଣନ୍ଦ, ଭଣଜା ସମସ୍ତେ ମିଶି ଯୌତୁକ ଦାବିକରି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ ବୋଲି ୩ ଭଉଣୀ କହିଛନ୍ତି। ଜାନୁଆରୀ ୧୯ରେ ବଡ଼ଭଉଣୀ ମାନସୀଙ୍କୁ ସାନଭଉଣୀ ଗୀତା ଫୋନ କରି ସ୍ୱାମୀ ତାଙ୍କୁ ବହୁ ମାରପିଟ କରିବା ସହ ମୋତେ ଜୀବନରେ ମାରି ଦେବେ ବୋଲି କହୁଥିବା ଜଣାଇଥିଲେ। ସେହିଦିନ ଅପରାହ୍ନରେ ସୁଦାମ ମାନସୀଙ୍କୁ ଫୋନ୍ କରି ଗୀତା ବେକରେ ଦୌଡ଼ି ବାନ୍ଧି ଆତ୍ମହତ୍ୟା କରିଥିବା କହିଥିଲେ। ଗୀତାଙ୍କୁ ହତ୍ୟା କରି ସୁଦାମ ସମସ୍ତଙ୍କୁ ଦେଖାଇବାକୁ ଦୌଡ଼ିରେ ଝୁଲାଇ ପରେ ତାଙ୍କୁ ମେଡିକାଲକୁ ନେଇଥିଲେ ବୋଲି ବଡ଼ଭଉଣୀ ଅଭିଯୋଗରେ ଦର୍ଶାଇଛନ୍ତି। ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ। ଏହି ଷଡ଼ଯନ୍ତ୍ର ସୁଦାମଙ୍କ ସମେତ ପରିବାରର ଅନ୍ୟମାନେ ମିଶି କରିଥିବା ଗୀତା ପ୍ରକାଶ କରିଛନ୍ତି। ଘଟଣା ଦିନ ସୁଦାମ ଓ ଭଣଜା ରାହୁଲ ସିଂ ଘଟଣାର ପ୍ରମାଣ ନଷ୍ଟ କରିବାକୁ କାହାକୁ ଫୋନ୍ କରିଛନ୍ତି। ସେମାନଙ୍କ କଲ୍ ଯାଞ୍ଚକରି ସମସ୍ତଙ୍କୁ ପଚରାଉଚରା କରିବାକୁ ଦାବି ହେଉଛି। ଏଥିରେ ପାପଡ଼ାହାଣ୍ଡି ଥାନାର ତଦନ୍ତ ଅଧିକାରୀ ସାମିଲ ଥିବା ସନ୍ଦେହ ହେଉଛି ବୋଲି ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି ବଡ଼ ଭଉଣୀ ମାନସୀ, ରୀତା ଓ ମମିତା। ଏନେଇ ଏସ୍‌ପି ରୋହିତ ବର୍ମାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନଙ୍କୁ ଏହି ଘଟଣାର ଉପଯୁକ୍ତ ତଦନ୍ତ ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଶବ ଦାହ କରୁଥିଲେ, ନିଜେ ଶବ ହୋଇଗଲେ

ତେନ୍ତୁଳିଖୁଣ୍ଟି, ୫।୨( ଚିଦାନନ୍ଦ ସାହୁ)



ତେନ୍ତୁଳିଖୁଣ୍ଟି ବ୍ଲକର ଦିଗି ଗ୍ରାମର ପଙ୍କଜ ପଣ୍ଡାଙ୍କ ସୋମବାର ପରଲୋକ ହୋଇଯାଇଛି। ତିନି ମାସ ଧରି ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେ ସ୍ଥାନୀୟ ଅଞ୍ଚଳର ଜଣେ ଜଣାଶୁଣା ବ୍ୟକ୍ତି ଥିଲେ। ପଙ୍କଜ ସ୍ଥାନୀୟ ଅଞ୍ଚଳର ଯେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଖବର ଶୁଣିଲେ ସହାୟତା ପାଇଁ ସେଠାରେ ପହଞ୍ଚି ଯାଉଥିଲେ। ଧନୀ, ଗରିବ, ଜାତି ଅଜାତି, ରାତି ଦିନ ସେ କିଛି ଦେଖୁ ନ ଥିଲେ। ଶବଦାହ ସତ୍କାର ଶେଷ ହେବା ପର୍ଯ୍ୟନ୍ତ ସେଠାରେ ଉପସ୍ଥିତ ରହୁଥିଲେ। ତାଙ୍କ ମୃତ୍ୟୁରେ ବରିଷ୍ଠ ନାଗରିକ ନାରାୟଣ ପାତ୍ର, ସରପଞ୍ଚ କିଶୋର ନାୟକ, ଲଛମନ ମାଝୀ, ସନ୍ତୋଷ ପାତ୍ର, ଅଖିଳ ଭତରା, ମାନସ ତ୍ରିପାଠୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## କୁକୁଡ଼ାବାଇରେ ବ୍ରାହ୍ମଣ ସମାଜର ଭ୍ରାମ୍ୟମାଣ ବୈଠକ

ତେନ୍ତୁଳିଖୁଣ୍ଟି,୫।୨(ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ବ୍ଲକ ବ୍ରାହ୍ମଣ ସମାଜର ଭ୍ରାମ୍ୟମାଣ ବୈଠକ ରବିବାର କୁକୁଡ଼ାବାଇ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବ୍ରାହ୍ମଣ ସମାଜର କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ବ୍ରାହ୍ମଣ ସମାଜ କାର୍ଯ୍ୟ କାରିଣୀ କମିଟି ସଭ୍ୟ ରମଣୀ ରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ମିଶ୍ର, ଶ୍ରୀନିବାସ ମିଶ୍ର, ଧୀରେନ୍ଦ୍ର ମହାପାତ୍ର, ପଦ୍ମନାଭ ପାଢ଼ୀ ଓ ଗୋପାଳ ପଣ୍ଡା ମଞ୍ଚାସୀନ ଥିଲେ। ଝରିଗୁମ୍ମାରେ ଅନୁଷ୍ଠିତ ପୂର୍ବ ବୈଠକର ବିବରଣୀ ସଙ୍ଗଠନ ସମ୍ପାଦକ ଗୋବର୍ଦ୍ଧନ ସାହୁ ପାଠ କରିଥିଲେ। ମୁଖ୍ୟ ଅତିଥି ତ୍ରିପାଠୀ ନିଜ ବକ୍ତବ୍ୟରେ ଆତ୍ମା,ପଞ୍ଚଭୂତ ଶରୀର ଆଦି ସମ୍ପର୍କରେ ବିଭିନ୍ନ ପୁରାଣକୁ ଉଦ୍ଧୃତକରି ବ୍ୟାଖ୍ୟା କରିଥିଲେ। ପର୍ଶୁରାମ ବାହିନୀର ବ୍ଲକ ସଭାପତି ଭାବେ ସୌମ୍ୟରଞ୍ଜନ ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। କୁକୁଡ଼ାବାଇ ଗ୍ରାମ ବ୍ରାହ୍ମଣ ସମାଜର କମିଟି ଗଠନ କରାଯାଇଥିଲା। ୩୧ ମାର୍ଚ୍ଚରେ ବ୍ଲକ ବ୍ରାହ୍ମଣ ସମାଜର ପରିବାର ସମ୍ମିଳନୀ ଓ ପ୍ରବଚନ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା।

# ୮୦ ଅଭିଯୋଗ ଶୁଣିଲେ ଜିଲାପାଳ

**୨ ଜଣଙ୍କୁ ବିବାହ ସହାୟତା ରାଶି ପ୍ରଦାନ**

ନବରଙ୍ଗପୁର,୫।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକସ୍ତରୀୟ ଜିଲାପାଳଙ୍କ ଜନ ଶୁଣାଣି ଶିବିର ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳଙ୍କୁ ନିଜର ଅଭିଯୋଗ ଜଣାଇବା ପାଇଁ ଆସିଥିବା ୮୦ ଜଣଙ୍କ ନାମ ପଞ୍ଜିକରଣ କରାଯାଇଥିଲା । ସେଥି ମଧ୍ୟରୁ ୭୦ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିରେ ରାସ୍ତାଘାଟ ନିର୍ମାଣ, ସଂଯୋଗୀକରଣ, ପ୍ରଧାନ ମନ୍ତ୍ରୀ ଆବାସ, ଜମି ଜମା ବିବାଦ, ପାରିବାରିକ ବିବାଦ, ପୋଲିସ ମାମଲା, ଜମି ଜବରଦଖଲ, ନିର୍ମାଣ ଶ୍ରମିକଙ୍କ ସମସ୍ୟା ଆଦି ରହିଥିଲା। ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ଡ଼.କମଳ ଲୋଚନ ମିଶ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସାମାଜିକ ସୁରକ୍ଷା ଆର୍ଥିକ ସହାୟତା (ବିବାହ ଆର୍ଥିକ ସହାୟତା) ରାଶି ୨ଜଣଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ଚେକ ପ୍ରଦାନ କରାଯାଇଥିଲା। ଶିବରରେ ଏସ୍‌ପି ରୋହିତ ବର୍ମା, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ବିଡ଼ିଓ ସୁନୀଲ ଖୋରା, ପିଏଆଇଟିଡିଏ ରାଜୀବ କମାର ସାହୁ, ତହସିଲଦାର କୈଳାଶ ଚନ୍ଦ୍ର ତ୍ରିପାଠୀ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି, ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପଲକା, ସିଡ଼ିଭିଓ ରାଧେଶ୍ୟାମ ଲାଏକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ସମାଜ କଲ୍ୟାଣ ଅଧିକାରୀ ସିବାନୀ ଗୁହା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟନାୟକ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଚକ୍ରଧର ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଧାଂଶୁ ପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରେଶମ ଲାଲ ନାୟକ ପ୍ରମୁଖ ଉପସ୍ଥିତ ଉପସ୍ଥିତ ଥିଲେ।

## ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ



ମାଲକାନଗିର,୫।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ପୌର ପରିଷଦର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ରାଜେନ୍ଦ୍ର କୁମାର ଖରା ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ କୋରାପୁଟ ଜିଲା କୋଟପାଡ ଏନ୍‌ଏସି ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସେ କାର୍ଯ୍ୟରେ ଯୋଗ ଦେବା ସମୟରେ ମାଲକାନଗିରି ପୌର ପରିଷଦ ଅଧକ୍ଷ ମନୋଜ ବାରିକ ଏବଂ କର୍ମଚାରୀମାନେ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ । ସେ ପୌର ପରିଷଦର ସର୍ବାଙ୍ଗୀନ ଉନ୍ନତି ଲାଗି କାର୍ଯ୍ୟ କରିବେ ବୋଲି କହିଛନ୍ତି ।

## ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

ମାଲକାନଗିରି,୫।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବ୍ଲକ ସିନ୍ଧ୍ରିମାଳ ପଞ୍ଚାୟତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ପ୍ରାୟ ୧୫୦ ଛାତ୍ରୀଛାତ୍ର ଓ ଗାଇଡ୍ ଶିକ୍ଷକ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, କୁଇଜ, ଚିତ୍ରାଙ୍କନ, ପ୍ରକଳ୍ପ ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲାର ବିଭିନ୍ନ ବିଦ୍ୟାଳୟର ସାହିତ୍ୟ ପ୍ରତି ରୁଚି ରଖି ମାତୃଭାଷାର ପ୍ରସାର ଓ ପ୍ରଚାର ପାଇଁ କାର୍ଯ୍ୟ କରୁଥିବା ଶିକ୍ଷକଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ରବିନ୍ଦ୍ର କୁମାର ମହାରଣା, ଗୌରୀ ସାହୁ, ସ୍ୱର୍ଣପ୍ରଭା ସ୍ୱାଇଁଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ଉତ୍ସବରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ତ୍ରିନାଥ ମାଝି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ମାଲକାନଗିରି ବ୍ଲକ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ଧର, ପଡିଆ ବ୍ଲକ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳି ଯୋଗ ଦେଇ ଓଡିଆ ଭାଷାର ଉନ୍ନତି, ବ୍ୟବହାର, ପ୍ରସାର ପାଇଁ କାର୍ଯ୍ୟ କରିବାକୁ ଗୁରୁତ୍ୱ ଦେଇଥିଲେ।

## ୭ରେ ଉତ୍କଳ ସାମ୍ବାଦିକ ସଂଘର ବିଧାନସଭା ଘେରାଉ

ମାଲକାନଗିରି,୫।୨(ଦୁର୍ଯ୍ୟୋଧନ ପାତ୍ର)

ସରକାର ସାମ୍ବାଦିକଙ୍କ ୬ ଦଫା ଦାବି ପୂରଣ ପାଇଁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ପୂରଣ କରୁ ନ ଥିବାରୁ ଆସନ୍ତା ୭ରେ ଉତ୍କଳ ସାମ୍ବାଦିକ ସଂଘର ୨ ହଜାରରୁ ଉର୍ଦ୍ଧ୍ୱ ସାମ୍ବାଦିକ ବିଧାନ ସଭା ଘେରାଉ କରିବେ। ମାଲକାନଗିରିରୁ ୩୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେବେ ବୋଲି ସଭାପତି ଦୁର୍ଯ୍ୟୋଧନ ପାତ୍ର କହିଛନ୍ତି। ଦାବିଗୁଡିକ ମଧ୍ୟରେ ବୟସ୍କ ସାମ୍ବାଦିକଙ୍କୁ ମାସିକ ୧୫ ହଜାର ପେନସନ୍, ସୁରକ୍ଷା ଆଇନ ପ୍ରଣୟନ, ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତାମାତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ, ଅଧିସ୍ୱୀକୃତି କମିଟି ପୁନଃଗଠନ ଓ ବ୍ଲକରୁ ରାଜ୍ୟ ପର୍ଯ୍ୟନ୍ତ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ମିଡିଆ ଏକାଡେମୀ ଗଠନ, ଲୋକସଭା ଭବନ ସମେତ ରାଜ୍ୟର ସରକାରୀ କାର୍ଯ୍ୟାଳୟରେ ସାମ୍ବାଦିକଙ୍କ ପ୍ରବେଶ ଅଧିକାର ଆଦି ରହିଛି।

## ଶିଖପାଲ୍ଲୀ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥି ।

ମାଲକାନଗିରି,୫।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବ୍ଲକ ଶିଖପାଲ୍ଲୀ ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସସ୍ମିତା କୁମାରୀ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲ, ମୁଖ୍ୟବକ୍ତା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, ସମ୍ମାନିତ ଅତିଥି ଜିଲା ବିଜେଡି ସଭାପତି ମାନସ ମାଡକାମି, ବ୍ଲକ ଅଧ୍ୟକ୍ଷା ଗୌରୀ ପଡିଆମି, ବିଡିଓ ପ୍ରଭାତୀ ଝଡିଆ, ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୁଜବଳ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁମନ୍ତ କୁମାର ମାଝୀ, ଜିଲା ପରିଷଦ ସଭ୍ୟ ମୁକା ମାଡକାମୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଛାତ୍ରଛାତ୍ରୀ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପରେ ପ୍ରଧାନ ଶିକ୍ଷକ ନିରନ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ବିଦ୍ୟାଳୟ ସୁନାମ ଅର୍ଜନ କରଛି। ବିଶେଷ କରି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆନ୍ତରିକତା, ଛାତ୍ରୀଛାତ୍ର ନିଜର ସନ୍ତାନ ବୋଲି ଭାବି ନିରଙ୍କୁଶ ଶିକ୍ଷାଦାନ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇଛି । ପରେ ବିଭିନ୍ନ କ୍ରୀଡାରେ କୃତିତ୍ୱ ଅର୍ଜନ କରଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା।

## ସଶକ୍ତ ଓଡ଼ିଶା ସାଥି ଶିବିର

ପାପଡାହାଣ୍ଡି,୫।୨(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ବ୍ଲକସ୍ତରୀୟ ସଶକ୍ତ ଓଡିଶା ସାଥି ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଦୁର୍ଯ୍ୟୋଧନ ଭୋଇଙ୍କ ସଭାପତିତ୍ୱରେ ଏସଡ଼ିସି ଅଧକ୍ଷ ଉପେନ୍ଦ୍ର ଗଣ୍ଡ,ଉପାଧକ୍ଷ ଭାନୁମତି ପୂଜାରି, ବ୍ଲକ ଅଧକ୍ଷ ହେମଲତା ମାଝୀ, ଉପାଧକ୍ଷ ସୁଶାନ୍ତ ବେହେରା, ପିଏ ଆଇଟିଡିଏ ରାଜୀବ ଲୋଚନ ସାହୁ, ଜିଲା ମଙ୍ଗଳ ଅଧିକାରି ପାଲକା ରବୀନ୍ଦ୍ର, ଅତିରିକ୍ତ ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଜନଜାତିଙ୍କ ସଂସ୍କୃତି, ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ନାଟଗୁରୁ ଓ ବୈଦ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ଆଦିବାସୀ ଯୁବପିଢିଙ୍କୁ ମହୀଶୂର ପଠାଇଲା ବିଏସ୍‌ଏଫ୍

ମାଲକାନଗିର,୫।୨(ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲା ବିଏସ୍‌ଏଫ୍ ତରଫରୁ ଆଦିବାସୀ ଯୁବତୀ ଯୁବକମାନେ କର୍ନାଟକ ମହୀଶୂର ଗସ୍ତ କରିଛନ୍ତି। ବିଏସ୍‌ଏଫ୍ କମାଣ୍ଡାଣ୍ଟ ଶିବ ଓମ ଏହି କାର୍ଯ୍ୟକ୍ରମକୁ ପତାକା ଦେଖାଇ ଆରମ୍ଭ କରିଥିବା ବେଳେ ମାଥିଲି ବ୍ଲକ ତୁଳସୀ, ଲୁଲେର, ଟେମୁରୁପାଲ୍ଲୀ, କସ୍ରାଭଟା, ଦଳପତିଗୁଡା, ପୁଜାରୀଗୁଡା, ମୁଣ୍ଡାଗୁଡା, ସଂଗୁମ, କପ୍ରା, ତାଳପଦର ଓ ନୂଆଗୁଡା ସାଲିମି ଆଦି ଅଞ୍ଚଳର ୨୦ ଯୁବତୀ ଯୁବକଙ୍କୁ ଅହମ୍ମଦାବାଦ ପଠାଇଛନ୍ତି। ଏହି ଯୁବପିଢି ଆସନ୍ତା ୬ ତାରିଖରୁ ୧୨ ପର୍ଯ୍ୟନ୍ତ ମହୀଶୂରର ବିଭିନ୍ନ ପର୍ଯ୍ୟଟନ ସ୍ଥଳ ଭ୍ରମଣ କରିବା ସହ ସେଠାକାର ରାଜନୈତିକ ନେତା, ବିଭିନ୍ନ ମନ୍ତ୍ରୀ, ସିନେ ତାରକା, ଟିଭିତାରକା ଓ ପୌରାଣିକସ୍ଥଳ ଆଦି ଭ୍ରମଣ କରିବେ । କାର୍ଯ୍ୟକ୍ରମରେ ବିଏସ୍‌ଏଫ୍ ଦ୍ୱିତୀୟ ବାଟାଲିୟନ କମାଣ୍ଡାଣ୍ଟ ବରୁଣେନ୍ଦ୍ର ପ୍ରଦାପ ସିଂ, ଡେପୁଟି କମାଣ୍ଡାଣ୍ଟ ଶୁଭଞ୍ଜନ ମହାପାତ୍ର ଓ ନେହେରୁ ଯୁବ ସଂଘ ଜିଲା ଅଧିକାରୀ ହରିଶ ରୁପାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଦିବାସୀ କ୍ରୀଡ଼ା, ସାଂସ୍କୃତିକ ମହୋତ୍ସବ

ଡାବୁଗାଁ, ୫।୨ (ପ୍ରଜ୍ଞାରଞ୍ଜନ ପରିଡା)



କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ବ୍ଲକସ୍ତରୀୟ ଆଦିବାସୀ କ୍ରୀଡା ଓ ସାଂସ୍କୃତିକ ମହୋତ୍ସବ -୨୦୨୪ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କ୍ରିକେଟ, ଫୁଟବଲ, କବାଡି, ଭଲିବଲ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୧ମ ସ୍ଥାନ ଅଧିକା କରିଥିବା ଦଳକୁ ୧୫ ହଜାର, ୨ୟ ଦଳକୁ ୧୦ ହଜାର ଓ ୩ୟ ଦଳକୁ ୫ ହଜାର ଆର୍ଥିକ ରାଶି ସହ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ୧୦୦ ମିଟର ଦୌଡ ମହିଳା, ୧୦୦ ମିଟର ଦୌଡ ପୁରୁଷ, କଳସୀ ହାଣ୍ଡି ଦୌଡ, ଜାଭଲିନ ମହିଳା ଓ ପୁରୁଷ ପ୍ରତିଯୋଗିତାର ୧ମ ସ୍ଥାନ ଅଧିକାର କରିଥିବା ଦଳକୁ ୫ ହଜାର, ୨ୟ ଦଳକୁ ୩ ହଜାର ଓ ୩ୟ ଦଳକୁ ୨ ହଜାର ଆର୍ଥିକ ରାଶି ସହ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଦଳଗତ ନୃତ୍ୟରେ ୧ମ ସ୍ଥାନ ଅଧିକାର କରିଥିବା ଦଳକୁ ୨୦ ହଜାର, ୨ୟ ଦଳକୁ ୧୫ ହଜାର ଓ ୩ୟ ଦଳକୁ ୧୦ ହଜାର ଆର୍ଥିକ ରାଶି ସହ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଧ୍ୟାପକ ରମେଶ ଚନ୍ଦ୍ର ନାହାକ ଓ ଲିପୁଚନ୍ଦ୍ର ମାଝି, ଜିଲା କଳା ସଂସ୍କୃତି ସଂଘ ଉପସଭାପତି କାର୍ତ୍ତିକ ଭତ୍ରା ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ଉପାଧ୍ୟକ୍ଷା ଭାନୁମତୀ ପୂଜାରୀ, ସଭ୍ୟ ବୁଦ୍ଧୁରାମ ଜାନୀ ଓ ଖଗପତି ପରଜା ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାଜୀବ ସାହୁ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ ଓ ନିବେଦିତା ବିଶାଳ, ଡାବୁଗାଁ ତହସିଲଦାର ସଦାଶିବ ଭତ୍ରା, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଜୁନାପାଣି ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

# କବି, ସାହିତ୍ୟିକ, ଲେଖକଙ୍କୁ ସମ୍ବର୍ଦ୍ଧନା

**ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବ**

ନବରଙ୍ଗପୁର,୫।୨(ସଦାଶିବ ପ୍ରହରାଜ)



ସାହିତ୍ୟିକମାନଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଉଛି।

ଆରସିଡି ହାଇସ୍କୁଲ ପଡିଆରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ନବରଙ୍ଗପୁର ଜିଲାସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉଦ୍‌ଯାପାନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଡ଼. କମଳ ଲୋଚନ ମିଶ୍ର ଯୋଗଦେଇ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଓ ବିକାଶ ସହିତ ଓଡ଼ିଆଙ୍କୁ ଏକତାର ଡୋରୀରେ ବାନ୍ଧିବା ପାଇଁ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିଥିଲେ। ଛତ୍ରୀଛାତ୍ର ଯୁବପିଢି ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଓଡ଼ିଆ ପଢିବା ଓ ଲେଖିବା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେବା ସହ ପ୍ରତ୍ୟେକଙ୍କ ଘରେ କିଛିନା କିଛି ଓଡ଼ିଆ ବହି ସଂଗ୍ରହ କରି ରଖିବା ଓ ପଢିବା ପାଇଁ ପରାମର୍ଶ ଦେଇଥିଲେ। ଉତ୍ସବରେ ଜିଲାର ବରିଷ୍ଠ ଲେଖକ, କବି, ସାହିତ୍ୟିକ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପଡିଆଠାରେ ଛାତ୍ରୀ ଛାତ୍ରଙ୍କ ଦ୍ୱାରା ବିଜ୍ଞାନ ମେଳା, ଓଡ଼ିଆ ସୃଜନ ଲିଖନ ଓ ପଠନ ସମ୍ପର୍କରେ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଏହା ବୁଲି ଦେଖିବା ସହିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପାନୀ ଉତ୍ସବରେ କବି ଗୋପବନ୍ଧୁ ବିଶୋଇ, ଜେମାମଣି ବିଶୋଇ, ବିଜୟ ଚୌଧୁରୀ, ନାରାୟଣ ପଣ୍ଡା, ଅଶୋକ ପଟ୍ଟନାୟକ, ସାଇମନ ବିଡିକା, ଗୋପାଳ ପଟନାୟକ, ଦୁର୍ଗା ପାଢ଼ୀ, ଅଧ୍ୟାପିକା ସଂଯୁକ୍ତା ପଣ୍ଡା, ଡ଼ିଏସ୍‌ପି ଡ଼. ଚନ୍ଦ୍ରଶେଖର ହୋତା ଓ ଜଗନ୍ନାଥ ବେହେରାଙ୍କ ସମେତ ଜିଲାର ଅନେକ କବି ସାହିତ୍ୟିକଙ୍କ ମାନପତ୍ର ଓ ଉପଢୌକନ ଦେଇ ଜିଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଡ଼ିଏସ୍‌ପି ଡ଼.ଚନ୍ଦ୍ର ଶେଖର ହୋତା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରେଶମ ଲାଲ ନାୟକ, ବିଶନାଥ ସାହୁ ଓ ଅଧ୍ୟାପିକା ସଂଯୁକ୍ତା ପଣ୍ଡା ମଞ୍ଚାସୀନ ଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛତ୍ରୀ ଛାତ୍ରଙ୍କୁ ଜିଲାପାଳ ପୁରସ୍କାର ପ୍ରଦାନ କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମଗ୍ର ଶିକ୍ଷା ଅଭିଯାନ ଜିଲା ଜୋଜାନା ସଂଯୋଜକ ପ୍ରଦୀପ୍ତ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

